ଧରିତ୍ରୀ
DHARITRI
March 24-30, 2024 ₹ 2/-
ଧରିତ୍ରୀ DHARITRI 50 Years


ଛୁଟିଦିନ



# ପ୍ରକୃତି ରଙ୍ଗ କରେ ଚକିତ

ରଙ୍ଗ ଥିଲେ ହିଁ ସାରା ଦୁନିଆ ସୁନ୍ଦର । ହେଲେ ବେଳେବେଳେ ଏଥିରେ ଦେଖାଯାଏ ବ୍ୟତିକ୍ରମ। ସାଧାରଣତଃ ଯେଉଁ ରଙ୍ଗକୁ ନେଇ କୌଣସି ପ୍ରାଣୀ ବା ପ୍ରକୃତିର କିଛି ସୃଷ୍ଟି ପରିଚିତ ହୋଇଥାଏ, ତା'ର ବିପରୀତ ରଙ୍ଗରେ ଦେଖିବାକୁ ମିଳନ୍ତି ଏମାନେ। ଫଳରେ ତାହା ମଣିଷ ପାଇଁ ପାଲଟିଯାଏ ବିସ୍ମୟ..

ପ୍ରଚ୍ଛଦ ପ୍ରସଙ୍ଗ
୩



# ହୋଲି ପୂର୍ବରୁ କ'ଣ କରିବେ

**ଏମିତି କିଛି ଜିନିଷ ରହିଛି; ଯାହାକୁ ଘରେ ରଖିଲେ ବାସ୍ତୁଦୋଷ ଉପୁଜିବା ସହ ନକାରାତ୍ମକ ଉର୍ଜା ବଢ଼ିଥାଏ। ସେଥିପାଇଁ ଏହି ଜିନିଷଗୁଡ଼ିକୁ ତୁରନ୍ତ ଘରୁ କାଢ଼ିଦେବା ଦରକାର। ଯଦି କାଢ଼ି ନାହାନ୍ତି, ତା'ହେଲେ ହୋଲି ପୂର୍ବରୁ ଏସବୁକୁ ଘରୁ କାଢ଼ି ଦିଅନ୍ତୁ...**



* ଭଙ୍ଗାରୁଜା ବାସନକୁସନ ଦ୍ୱାରା ଘରେ ନକାରାତ୍ମକ ଉର୍ଜାର ପ୍ରଭାବ ବଢ଼େ। ଧନ ଓ ସମୃଦ୍ଧିରେ ବାଧା ଉପୁଜେ। ତେଣୁ ହୋଲି ପୂର୍ବରୁ ଘରେ କିଛି ଭଙ୍ଗାରୁଜା ବାସନକୁସନ ଥିଲେ ତାହାକୁ ଘରୁ ବାହାର କରିଦେବା ଦରକାର।

* ବ୍ୟବହାର କରୁ ନ ଥିବା ପୁରୁଣା ପୋଷାକପତ୍ରକୁ ବି ଘରେ ରଖିଲେ ଘର ଅବ୍ୟବସ୍ଥିତ ଦେଖାଯାଇଥାଏ ; ଯାହାକି ମାତା ଲକ୍ଷ୍ମୀଙ୍କୁ ଆଦୌ ପସନ୍ଦ ନୁହେଁ। ତେଣୁ ହୋଲି ଅବସରରେ ଏହାକୁ ବି ଘରୁ କାଢ଼ି ଦେଇପାରିବେ।

* ପୁରୁଣା ଜୋତା କିମ୍ବା ପୁରୁଣା ଫର୍ନିଚର ଯାହା ଆଉ ବ୍ୟବହାରଯୋଗ୍ୟ ନୁହେଁ ; ସେସବୁକୁ ବି ହୋଲି ଅବସରରେ ଘରୁ କାଢ଼ି ଅଳିଆବାଲାକୁ ଦେଇଦେବା ଆବଶ୍ୟକ। ନଚେତ୍ ଏହାଦ୍ୱାରା ବି ଘରେ ବାସ୍ତୁଦୋଷ ଉପୁଜିବାର ସମ୍ଭାବନା ଥାଏ।

* ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଘରେ ଦେବାଦେବୀଙ୍କର ଖଣ୍ଡିତ ମୂର୍ତ୍ତି ରଖିବା ବି ଆଦୌ ଶୁଭଙ୍କର ନୁହେଁ। ତେଣୁ ହୋଲି ଅବସରରେ ଯଦି ଘରେ କିଛି ଦେବାଦେବୀଙ୍କ ପୁରୁଣା ଫଟୋ କିମ୍ବା ମୂର୍ତ୍ତି ରହିଛି, ତାହାକୁ ପାଣିରେ ବିସର୍ଜନ କରିବା ସହ ସେ ସ୍ଥାନରେ ଦେବାଦେବୀଙ୍କ ନୂଆ ମୂର୍ତ୍ତି କିମ୍ବା ଫଟୋ ଆଣିବା ଘର ପାଇଁ ଶୁଭ ହେବ।

* ହୋଲି ପୂର୍ବରୁ ଘରେ ଯଦି କିଛି ଭଙ୍ଗା କାଚ କିମ୍ବା ଦର୍ପଣ ରହିଛି, ତାକୁ ବି ଘରୁ କାଢ଼ି ଫୋପାଡ଼ିଦେବା ଦରକାର। ଏହା ବି ଘରକୁ ବାସ୍ତୁ ସମସ୍ୟା ଟାଣି ଆଣିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ମାର୍ଚ୍ଚ ୨୪-୩୦**

### ମେଷ


ଆରୋଗ୍ୟଲାଭରୁ ଆଶ୍ୱସ୍ତି, ବନ୍ଧୁ ସହାୟତାରେ କୃତଜ୍ଞତା, ଅତିଥି ସେବାରୁ ଆତ୍ମତୃପ୍ତି, ଅର୍ଥଲାଭରୁ ଆନନ୍ଦ, ଭୁଲ୍ କାମରୁ ଅନୁତାପ, କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ସନ୍ତାନହେତୁକ ଦୁଶ୍ଚିନ୍ତା, ଅପ୍ରିୟଭାଷଣରୁ ଅଶାନ୍ତି ॥

### ବୃଷ


ବନ୍ଧୁବତ୍ସଳ ହେବେ, ଦୂରଯାତ୍ରା କରିପାରନ୍ତି, ଅପଦସ୍ତ ହୋଇପାରନ୍ତି, ବୈବାହିକ ସମ୍ପର୍କର ଆଲୋଚନା, ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ବ୍ୟବସାୟିକ ଉନ୍ନତି, ବାଣିଜ୍ୟରେ ପ୍ରତିବନ୍ଧକ, ମନୋରଞ୍ଜନର ମଉକା ॥

### ମିଥୁନ


ଭ୍ରାତୃ ସମ୍ପର୍କରେ ସୁଧାର, ସାମାଜିକ ସମ୍ମାନ ପ୍ରାପ୍ତି, ଆତ୍ମନିର୍ଭରଶୀଳ ହେବେ, ସାହିତ୍ୟକୃତିରୁ ପ୍ରଶଂସା, ଜମିଜମା ବିବାଦ ବଢ଼ିବ, ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ପରିସ୍ଥିତିର ସାମନା କରିବେ, ଯାନବାହନ ମରାମତି, ବନ୍ଧୁଗୃହକୁ ଯାତ୍ରା ॥

### କର୍କଟ


ଭାବପ୍ରବଣତା ବଢ଼ିବ, ଶୁଣାଣି ବିଳମ୍ବରୁ ମନସ୍ତାପ, ଏଜେନ୍ସିପ୍ର ପ୍ରସାର, ସାମ୍ବାଦିକତାରେ ପ୍ରଂଶସା, ନୂତନ କର୍ମାରମ୍ଭ, ଅସୁସ୍ଥତା ଅନୁଭବ, ଧନ ଓ ସମ୍ମାନ ପାଇବେ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ଶୁଭଖବର ପ୍ରାପ୍ତି।

### ସିଂହ


ବୁଝାମଣା ଠିକ୍ ରହିବ, ସମସ୍ୟା ଦୂର ହେବ, ପାରିଶ୍ରମିକ ପାଇବେ, ନୂତନ କର୍ମ ସଂସ୍ଥାନ, ବ୍ୟସ୍ତ ରହିପାରନ୍ତି, ପ୍ରଶାସନିକ ତତ୍ପରତା, ସମ୍ବର୍ଦ୍ଧିତ ହୋଇପାରନ୍ତି, ପରିବହନରେ ବିବାଦ, କ୍ରୀଡାଚଳଚ୍ଚିତ୍ରରେ ସମସ୍ୟା ॥

### କନ୍ୟା



ସମସ୍ୟା ସୁଧାରି ନେବେ, ସ୍ଥିତି ଅନୁକୂଳ ରହିବ, କାମ ଉତ୍ସାହପ୍ରଦ ହେବ, ମିଥ୍ୟା ଗୁଜବ ଶୁଣିପାରନ୍ତି, ସହକର୍ମୀଙ୍କ ପରାମର୍ଶ, ମନ ଖୁସି ରହିବ, ମଙ୍ଗଳୋତ୍ସବର ପ୍ରସ୍ତୁତି, ଗୃହସଜ୍ଜା ପ୍ରତି ଆଗ୍ରହ, ଧର୍ମାନୁଷ୍ଠାନରୁ ପ୍ରେରଣା, ପାରିବାରିକ ଅଶାନ୍ତି, ଆଶା ପୂରଣ ହେବ ॥

### ତୁଳା


ଅଭିଳାଷ ପୂରଣ, କର୍ମଜଞ୍ଜାଳ ବଢ଼ିବ, ଅର୍ଥପ୍ରାପ୍ତି ହେବ, ସମ୍ପର୍କୀୟଙ୍କ ଅପପ୍ରଚାର, ସ୍ତ୍ରୀଙ୍କ ପରାମର୍ଶ, ମନୋବଳ ବୃଦ୍ଧିପାଇବ, ଆଶା ଫଳବତୀ ହେବ, ଦୁଃସାହାସିକ କାମରେ ଅନୁପ୍ରବେଶ, ଟେନସନ୍ ଲାଗି ରହିବ, ଆଶଙ୍କା ଦୂର ହେବ ॥

### ବିଛା



ମାନସିକ ଅସ୍ଥିରତା, କର୍ମବ୍ୟସ୍ତତା ବଢ଼ିବ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ଧର୍ମକାର୍ଯ୍ୟ ସକାଶେ ବ୍ୟସ୍ତତା, ବନ୍ଧୁଙ୍କ ପରାମର୍ଶ, ସହକର୍ମୀଙ୍କ ପରାମର୍ଶ, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, କ୍ରନିକ୍‌ରୋଗର ପୀଡାବୃଦ୍ଧି, ପାରିବାରିକ ଅସହଯୋଗ ॥

### ଧନୁ


ସାହସିକ ପଦକ୍ଷେପ, କଳାକୌଶଳ ପ୍ରଦର୍ଶନ, ଉଚ୍ଚ ପ୍ରଶଂସିତ ହେବେ, ସାମାଜିକ ସମ୍ମାନ, ଖୁସିର ଆସର ଜମିବ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ,ସମସ୍ୟାର ସମାଧାନ ହୋଇଯିବ, ଭୁଲ୍ ବୁଝାମଣା ସୃଷ୍ଟି, ପରିବାର ଲୋକଙ୍କ ସହଯୋଗ ପ୍ରାପ୍ତି, ସୁଖଶାନ୍ତି ବୃଦ୍ଧି ॥

### ମକର


ସୁସ୍ଥ ମାନସିକତା, କର୍ମଦକ୍ଷତାର ପ୍ରଶଂସା, ପଡୋଶୀଙ୍କ ସହାନୁଭୂତି, ସମ୍ପର୍କ ମଧୁର ରହିବ, ଖଳଲୋକଙ୍କ ଶତ୍ରୁତା, ସମାଲୋଚିତ ହୋଇପାରନ୍ତି, ବକେୟା ଅର୍ଥ ଆଦାୟ, ଭୁଲ କାମ କରିପାରନ୍ତି, ବନ୍ଧୁଙ୍କ ଉପରେ ସନ୍ଦେହ, ବୁଝାମଣା ଠିକ୍ ରହିବ, ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି।

### କୁମ୍ଭ


ପ୍ରତୀକ୍ଷିତ ଖବର ପାଇବେ, ଭାଗବଣ୍ଟାରେ ଟଣାଓଟରା, ପୁତ୍ରକନ୍ୟାଙ୍କ ସମସ୍ୟା, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପଡୋଶୀ ସହ ସମ୍ପର୍କ ବୃଦ୍ଧି, ଅତିଥିସେବାରୁ ଆନନ୍ଦ, ମନ ଉଦାସ ରହିବ, ଯାନ୍ତ୍ରିକତ୍ରୁଟିରୁ ଯାତ୍ରା ବିଳମ୍ବ, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି ॥

### ମୀନ


ଯାତ୍ରା ସ୍ଥଗିତ ରହିଯିବ, ସ୍ଥଗିତକାମ ତ୍ୱରାନ୍ୱିତ ହେବ, ଅତୀତ ରୋମନ୍ଥନରେ ପଶ୍ଚାତାପ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, କର୍ମ ମୁଖର ହେବେ, ଖୋଜୁଥିବା ଜିନିଷ ପାଇବେ, କର୍ମକ୍ଷେତ୍ରରୁ ଅଭିଯୋଗ, ଅନିଦ୍ରାଜନିତ ପୀଡା, ତୀର୍ଥାଟନର ସୁଯୋଗ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥

# ପ୍ରାକୃତିକ ରଙ୍ଗରେ ଖେଳନ୍ତୁ ହୋଲି...

**କେ**ମିକାଲଯୁକ୍ତ ରଙ୍ଗରେ ହୋଲି ଖେଳିଲେ ଇନ୍‌ଫେକ୍ସନ ହେବାର ସମ୍ଭାବନା ଥାଏ। ତା'ସହ ଏହା ପର୍ଯ୍ୟାବରଣ ପାଇଁ ବି ହାନିକାରକ ହୋଇଥାଏ। ସେଥିପାଇଁ ଏବେ ଅନେକେ ପ୍ରାକୃତିକ ରଙ୍ଗରେ ହୋଲି ଖେଳିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି ; ଆଉ ଯାହାକୁ ତିଆରି କରିବା ବି ବହୁତ ସହଜ। ଯେମିତିକି: ନାଲି ରଙ୍ଗ ପାଇଁ ନାଲି ମନ୍ଦାର ହେଉ କି ନାଲି ଗୋଲାପ ଫୁଲର ପାଖୁଡ଼ାକୁ ବାଟି ଏହି ରଙ୍ଗ ପ୍ରସ୍ତୁତ କରିହେବ। ସେହିପରି ଡାଳିମ୍ବର ଚୋପାକୁ ପାଣିରେ ଫୁଟାଇଲେ ସେଥିରୁ ବି ହାଲ୍‌କା ନାଲି ରଙ୍ଗ ବାହାରିଥାଏ। ଏହି ପାଣିକୁ ମଧ୍ୟ ହୋଲି ଦିନ ନାଲିରଙ୍ଗ ଭାବେ ବ୍ୟବହାର କରିହେବ। ହଳଦିଆ ରଙ୍ଗ ପାଇଁ ଗେଣ୍ଡୁ ଫୁଲର ପାଖୁଡ଼ାକୁ ବାଟି ପ୍ରାକୃତିକ ହଳଦିଆ ରଙ୍ଗ ତିଆରି କରାଯାଇପାରିବ। ଶୁଖିଲା ଗୁଣ୍ଡ ହଳଦୀ ହେଉ କିମ୍ବା ବଟା ହଳଦୀକୁ ବି ହୋଲି ଦିନ ହଳଦିଆ ରଙ୍ଗ ଭାବେ ବ୍ୟବହାର କରିହେବ। ବେସନ ସହ ହଳଦୀଗୁଣ୍ଡ ମିଶାଇ ମଧ୍ୟ ପ୍ରାକୃତିକ ହଳଦୀ ରଙ୍ଗର ଫଗୁ ପ୍ରସ୍ତୁତ କରିହେବ। ସେହିପରି ବିଟ୍ ରୁଟ୍‌କୁ ପାଣିରେ ଫୁଟାଇଲେ ସେଥିରୁ ମାଜେଣ୍ଟା ରଙ୍ଗ ବାହାରିଥାଏ। ଏହି ପାଣିକୁ ଥଣ୍ଡାକରି ହୋଲି ଦିନ ଏଥିରେ ଖେଳିପାରିବେ।



ଅନ୍ୟପକ୍ଷେ ପଳାଶଫୁଲକୁ ରାତି ସାରା ପାଣିରେ ଭିଜେଇ ରଖିଲେ ସେଥିରୁ ହାଲ୍‌କା ନାରଙ୍ଗୀ ରଙ୍ଗ ବାହାରିଥାଏ ; ଯାହାକୁ ହୋଲି ଦିନ ବି ବ୍ୟବହାର କରିହେବ। ତାଜା ନିମ୍ବପତ୍ରକୁ ଭଲଭାବେ ଖରାରେ ଶୁଖାଇ ଗୁଣ୍ଡକରି ସେଥିରେ କିଛି ଚନ୍ଦନ ପାଉଡର ମିଶାଇ ଏକ ପେଷ୍ଟ ତିଆରି କରିବେ। ଏହା ସବୁଜ ରଙ୍ଗର କାମଦେବ।

# ପାଠକୀୟ

* ଡ୍ରାଗନ୍ ଫ୍ରୁଟ୍ ଦିନେ ପରିଚିତ ଥିଲା ବିଦେଶୀ ଫଳ ଭାବେ। ହେଲେ ଏହାର ସ୍ୱାସ୍ଥ୍ୟଗତ ଗୁଣ ଆକୃଷ୍ଟ କରିଛି ଏବେ ଓଡ଼ିଶା ଚାଷୀଙ୍କୁ। ତେଣୁ ଏଭଳି ଏକ ସମୟୋପଯୋଗୀ ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାରେ ଡ୍ରାଗନ୍ ଫ୍ରୁଟ୍'ଟି ଏକ ପ୍ରେରଣାଦାୟୀ ବିଷୟ ଥିଲା। 'ସ୍ୱାସ୍ଥ୍ୟୋପଯୋଗୀ ଧନିଆପତ୍ର', 'ଅସମୟରେ ରୁଟି ପାଚୁଥିଲେ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।

*– ମୁକେଶ ତ୍ରିପାଠୀ, ସୁନ୍ଦରଗଡ଼*

* ଡ୍ରାଗନ୍ ଫ୍ରୁଟ୍ ; ଯାହା ଦିନେ ଭିଏତ୍‌ନାମ, ମାଲେସିଆ, ଥାଇଲାଣ୍ଡ, ଫିଲିପାଇନ୍ସ ତଥା ଆମେରିକା ଭଳି ଦେଶରେ ଚାଷ କରାଯାଉଥିଲା। ହେଲେ ଏବେ ଏହାର ସ୍ୱାସ୍ଥ୍ୟଗତ ଗୁଣ ଏବଂ ଚାଷ କରିବାର ପ୍ରଣାଳୀ ବିଷୟରେ ଅବଗତହୋଇ କେବଳ ଭାରତରେ ନୁହେଁ, ଓଡ଼ିଶାରେ ବି ଏହି ଚାଷକୁ ଲୋକେ ଆପଣେଇଲେଣି। ଏହାକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। 'ସୌନ୍ଦର୍ଯ୍ୟ ପାଇଁ ଯୋଗ' ଶୀର୍ଷକ ଆଲେଖ୍ୟଟି ବି ବେଶ୍ ଶିକ୍ଷଣୀୟ ଥିଲା। *– ରାକେଶ କୁମାର ଦାସ, କେନ୍ଦୁଝର*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକା ପାରମିତା ଷଡ଼ଙ୍ଗୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଚୁଡ଼ି' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'କ୍ରିତି ସାନନ୍'ଙ୍କ ଫଟୋଟି ବହୁତ ସୁନ୍ଦର ଦେଖାଯାଉଥିଲା। ଚିତ୍ରଶିଳ୍ପୀ ତଥା ସାହିତ୍ୟିକ ଡ. ଗୌରହରି ରାଉତଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। *– ଶୁଭଶ୍ରୀ ପ୍ରଧାନ, ସମ୍ବଲପୁର*

* ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡାଙ୍କ ଜୀବନୀ ଯୁବପିଢ଼ିଙ୍କ ପାଇଁ ବେଶ୍ ପ୍ରେରଣାଦାୟୀ ଥିଲା। ମଡେଲ ମିରର୍‌ରେ କେବଲ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସହର ପୃଷ୍ଠାରୁ ଅରମ୍ୱୋଲ୍ ବିଚ୍ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କ୍ଷୀରର ରଙ୍ଗ ଧଳା କାହିଁକି' ସେ ସମ୍ପର୍କରେ ବି ଅନେକ ନୂଆ କଥା ଜାଣିବାକୁ ମିଳିଲା।

*– ସ୍ମୃତିରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା*

* ଏଥରର ବ୍ୟଙ୍ଗ 'ପିଏଚ୍ ବିସମ୍ବାଦ' ଶୀର୍ଷକ ପାଠଟି ଶିକ୍ଷଣୀୟ ହେବା ସହ ମନଛୁଆଁ ବି ଲାଗୁଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବ୍ରିଜ୍ ଉପରେ ସହର', 'ଜୋତା ପିନ୍ଧି ମାରାଥନ ଦୌଡୁଛି ବତକ' ଏବଂ 'ଗଛରୁ ଫଳ ନୁହେଁ ଝୁଲୁଛି ଘଣ୍ଟା' ଆଦି ଶୀର୍ଷକ ପାଠ ତଥ୍ୟପୂର୍ଣ୍ଣ ହେବା ସହ ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

*– ପ୍ରୀତିରଞ୍ଜନ ଘଡ଼େଇ, ଭବାନିପାଟଣା*

## ବିଶେଷ ଚିଠି




ଏଥରର ପ୍ରଚ୍ଛଦରେ ଥିଲା
ଓଡ଼ିଶାରେ ଡ୍ରାଗନ୍ ଫ୍ରୁଟ୍,
ଶିଖାଇଲା ଅନେକ କଥା
ଦେଲା ଚାଷର ନୂଆ ବାର୍ତ୍ତା।
ସାଥୀ, ସହର ଓ ସୃଜନ
ତା' ସାଙ୍ଗକୁ ପୁଣି ଥିଲା
ପ୍ରଥମ ରୋଜଗାରର
ନିଆରା କଥାମାନ।
ସେଥିପାଇଁ ହେ ଛୁଟିଦିନ
ଷୋହଳଟି ପୃଷ୍ଠା ତୁମ ଲାଗେ
ସର୍ବୋତ୍ତମ।

*– ରାକେଶ କୁମାର ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପ୍ରକୃତି

## ରଙ୍ଗ କରେ ଚକିତ









**ରଙ୍ଗ! କାହାକୁ ବା ଭଲ ନ ଲାଗେ । ରଙ୍ଗ ଥିଲେ ହିଁ ତ ଜୀବନ ଓ ସାରା ଦୁନିଆ ଲାଗେ ସୁନ୍ଦର । ତା'ଛଡା ଏଇ ଧରାପୃଷ୍ଠରେ ଥିବା କ୍ଷୁଦ୍ର କଣିକାଠୁ ଆରମ୍ଭ କରି ପଶୁପକ୍ଷୀ, ବୃକ୍ଷଲତା, ପାହାଡ଼, ପର୍ବତ ସବୁର ଥାଏ ନିଜସ୍ୱ ଏକ ରଙ୍ଗ। ଯାହା ତା'ର ପରିଚୟକୁ ବି ବହନ କରେ । ଏଇ ଯେମିତି ନୀଳ ଆକାଶ, ସବୁଜ ବନାନୀ, ହେଲେ ବେଳେବେଳେ ଏଥିରେ ଦେଖାଯାଏ ବ୍ୟତିକ୍ରମ । ସାଧାରଣତଃ ଯେଉଁ ରଙ୍ଗକୁ ନେଇ କୌଣସି ପ୍ରାଣୀ ବା ପ୍ରକୃତିର କିଛି ସୃଷ୍ଟି ପରିଚିତ ହୋଇଥାଏ, ତା'ର ବିପରୀତ ରଙ୍ଗରେ ଦେଖିବାକୁ ମିଳନ୍ତି ଏମାନେ। ଫଳରେ ତାହା ମଣିଷ ପାଇଁ ପାଲଟିଯାଏ ବିସ୍ମୟ। ସେମିତି କିଛି ରଙ୍ଗିନ ବିସ୍ମୟକୁ ନେଇ ଏଥରର ପ୍ରଚ୍ଛଦ...**

**ରକ୍ତ ଝରଣା:** ସୁଉଚ୍ଚ ପାହାଡ଼ିଆ ଅଞ୍ଚଳରୁ କଳକଳ ହୋଇ ବହିଯାଉଥିବା ଝରଣାର କାଚକେନ୍ଦୁ ପରି ପାଣି କାହାକୁ ବା ଭଲ ନ ଲାଗେ। ତେବେ ପୂର୍ବ ଆଣ୍ଟାର୍କଟିକାର ଟେଲର୍ ଗ୍ଲାସିୟର୍‌ରୁ ପ୍ରବାହିତ ଏକ ଝରଣା କାହିଁ କେବେଠାରୁ ମଣିଷ ପାଇଁ ବିସ୍ମୟ ହୋଇ ରହିଆସିଛି। କାରଣ ଏହି ଝରଣାର ପାଣି ସାଧାରଣ ନୁହେଁ। ଦେଖିବାକୁ ରକ୍ତ ପରି ଲାଲ ରଙ୍ଗର। ଯେଉଁ ସ୍ଥାନରୁ ଏହି ଝରଣା ପ୍ରବାହିତ ହେଉଛି, ସେ ସ୍ଥାନରେ ତାପମାତ୍ରା ସବୁବେଳେ ମାଇନସ୍ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହେ। ତେବେ ବି ଏହି ଝରଣା ଅବିରତ ପ୍ରବାହିତ ହୁଏ ପୁଣି ଗାଢ଼ ଲାଲ ରଙ୍ଗରେ। ୧୯୧୧ରେ ଅଷ୍ଟ୍ରେଲିଆର ଭୂତତ୍ତ୍ୱବିତ ଗ୍ରିଫିଥ ଟେଲର୍ ପ୍ରଥମେ ଏହି ଅତିଶୟ ଥଣ୍ଡା ସ୍ଥାନକୁ ସାହସ କରି ଆସିଥିଲେ ଓ ଉକ୍ତ ରହସ୍ୟମୟ ଝରଣାକୁ ଆବିଷ୍କାର କରିଥିଲେ। ପ୍ରଥମେ ସେ ଭାବିଥିଲେ ମାଇକ୍ରୋସ୍କୋପିକ ଲାଲ ଶୈବାଳ ପାଇଁ ଏହି ଝରଣାର ଜଳର ରଙ୍ଗ ଲାଲ ହୋଇଥାଇପାରେ। ହେଲେ ପରେ ଏହା ଭୁଲ୍ ପ୍ରମାଣିତ ହୋଇଥିଲା। ବୈଜ୍ଞାନିକଙ୍କ ମତରେ, ଲକ୍ଷ ଲକ୍ଷ ବର୍ଷ ପୂର୍ବେ ଜଳସ୍ତର ବଢି ଆଣ୍ଟାର୍କଟିକାରେ ଏହି ହ୍ରଦଟି ସୃଷ୍ଟି ହେଇଥିଲା। ହେଲେ ଦୀର୍ଘବର୍ଷର ତୁଷାରପାତରେ ଉକ୍ତ ହ୍ରଦ ଉପରେ ଗ୍ଲାସିୟର(ଯାହା ଟେଲର୍ ଗ୍ଲାସିୟର ଭାବେ ପରିଚିତ) ସୃଷ୍ଟି ହେଇଗଲା। ଗ୍ଲାସିୟର ତଳେ ହ୍ରଦଟି ଦବି ରହିଗଲା। ଆଉ ତା'ର ଜଳ ଅଧିକରୁ ଅଧିକ ଲୁଣିଆ ହେବାକୁ ଲାଗିଲା। ଏହି ଲବଣାକ୍ତ ଜଳରେ ଭରପୂର ମାତ୍ରାରେ ଆଇରନ ବି ଅଛି। ଫଳରେ ହ୍ରଦର ଜଳ ବାହାରକୁ ଆସି ଝରଣାଭାବେ ପ୍ରବାହିତ ହେବା ବେଳେ ତାହା ଅମ୍ଳଜାନ ସଂସ୍ପର୍ଶରେ ଆସି ଅକ୍ସିଡେସନ୍ ହୋଇ ଲାଲ ରଙ୍ଗ ହୋଇଯାଏ। ତେବେ ଆଉ କେହି କେହି କୁହନ୍ତି ଏହି ଝରଣାରେ ଆତ୍ମା ଅଛି। ତେଣୁ ଏହାର ରଙ୍ଗ ଏଭଳି। କହିବାକୁଗଲେ ଏହି ଲାଲ ରଙ୍ଗର ଝରଣା ପଛର ପ୍ରକୃତ କାରଣ ଏବେ ବି ରହସ୍ୟ ଘେରରେ ଅଛି।

**ଗୋଲାପୀ ହ୍ରଦ:** ଲବଣାକ୍ତ ହ୍ରଦ, ମଧୁର ହ୍ରଦ କଥା ଜାଣିଥିବେ। ହେଲେ ଗୋଲାପୀ ହ୍ରଦ କଥା ଅନେକେ ଜାଣି ନ ଥିବେ। ସାଧାରଣତଃ ଦୂରରୁ ହ୍ରଦକୁ ଦେଖିଲେ ନୀଳ ରଙ୍ଗର ଦେଖାଯାଏ। ହେଲେ ଏ ହ୍ରଦଟି ଦେଖାଯାଏ ଗୋଲାପୀ ଗୋଲାପୀ। ଲାଗେ ସତେ ଯେମିତି କେହି ଏହାର ଜଳରେ ଗୋଲାପୀ ରଙ୍ଗ ଢାଳି ଦେଇଛି। 'ପିଙ୍କ୍ ହିଲିୟର ଲେକ' ହେଉଛି ଏହାର ନାମ। ଅଷ୍ଟ୍ରେଲିଆରେ ଥିବା ଏହି ହ୍ରଦର ଆଉ ଏକ ଆଶ୍ଚର୍ଯ୍ୟର କଥା ହେଉଛି ରାତିରେ ଏହା ସାଧାରଣ ହ୍ରଦ ପରି ଦେଖାଯାଏ। ହେଲେ ଦିନରେ ଏହାର ରଙ୍ଗ ଗୋଲାପୀ ହୋଇଯାଏ। ୧୮୦୨ ମସିହା ଜାନୁଆରୀ ୧୫ରେ ମାଥ୍ୟୁ ଫିଲ୍ଡର୍ସ ଏହି ହ୍ରଦର ସନ୍ଧାନ ପାଇଥିଲେ। ଏହାର କିଛିଦିନ ପରେ ଏହା ସାରା ପୃଥିବୀରେ ଚର୍ଚ୍ଚିତ ହୋଇଗଲା। ହ୍ରଦଟି ବେଶି ବଡ଼ ନୁହେଁ। ଏହାର କ୍ଷେତ୍ରଫଳ ୨୦୦୦ବର୍ଗ ଫୁଟ୍। ହ୍ରଦର ଚତୁଃପାର୍ଶ୍ୱରେ ଘନ ଜଙ୍ଗଲ ଘେରିରହିଛି। ତେବେ ଏହି ହ୍ରଦରେ ଥିବା ଶୈବାଳ ଓ ବ୍ୟାକ୍ଟେରିଆ ହେଉଛି ଉକ୍ତ ହ୍ରଦ ଗୋଲାପୀ ଦେଖାଯିବା ପଛର କାରଣ । ଯଦିଓ ହ୍ରଦରେ ବ୍ୟାକ୍ଟେରିଆ ଓ ଶୈବାଳ ଅଛନ୍ତି ତଥାପି ଏହା ଜୀବଜନ୍ତୁ ଓ ମଣିଷ ପାଇଁ ହାନିକାରକ ନୁହେଁ। ଏହି ହ୍ରଦର ଜଳ ଅଧିକ ଲବଣାକ୍ତ ମଧ୍ୟ। ବୈଜ୍ଞାନିକଙ୍କ ମତରେ ହ୍ରଦ ଜଳରେ ମହଜୁଦ ଥିବା ଲବଣ, ଶୈବାଳ ଓ ବ୍ୟାକ୍ଟେରିଆ ଉପରେ ସୂର୍ଯ୍ୟକିରଣ ପଡିଲେ ପାଣିର ରଙ୍ଗ ବଦଳି →











ଗୋଲାପୀ ହୋଇଯାଏ।

**ସବୁଜ ବାଲିର ବେଳାଭୂମି:** ପ୍ରଶାନ୍ତ ମହାସାଗରରେ ୮ଟି ଦ୍ୱୀପ ଥିବା ଏକ ଦ୍ୱୀପପୁଞ୍ଜ ଅଛି। ଯାହା ମଧ୍ୟରେ ସବୁଠୁବଡ଼ ଦ୍ୱୀପ ହେଉଛି ହାୱାଇ ଦ୍ୱୀପ। ଏହି ଦ୍ୱୀପରେ ମହାନା ନାମକ ଏକ ଅଜବ ବେଳାଭୂମି ଅଛି । ଏହି ବେଳାଭୂମି ଅଜବ ଏଇଥିପାଇଁ ଯେ, ଏଠି ଥିବା ବାଲି ସାଧାରଣ ନୁହେଁ। କାରଣ ଏହା ସବୁଜ ରଙ୍ଗର। ଏଭଳି ଅଜବ ରଙ୍ଗର ବାଲି ଏହି ବେଳାଭୂମିକୁ ସାରା ପୃଥିବୀରେ ଆକର୍ଷଣର କେନ୍ଦ୍ର କରାଇଛି। ଏହି ଦ୍ୱୀପ 'ପାପାକୋଲିୟା ବିଚ୍' ବା 'ଗ୍ରୀନ ବିଚ୍' ନାମରେ ପରିଚିତ। ଏହାର ବାଲି ସବୁଜ ରଙ୍ଗ ହେବାର କାରଣ କ'ଣ, ତାହା ଜାଣିବାକୁ ଅନେକ ଗବେଷଣା ହୋଇଛି। କିଛି ଗବେଷଣା କହେ କାଚ ପରି ସବୁଜ, ହଳଦିଆରଙ୍ଗର ଓଲିଭିନ ନାମକ ଖଣିଜ ପଥରର ଛୋଟ ଛୋଟ କଣିକାରେ ଏହି ବାଲି ତିଆରି, ଯାହାକି ସିଣ୍ଡର କୋନ୍ ନାମକ ପୁରୁଣା ଜ୍ୱାଳାମୁଖୀରୁ ବାହାରିଥାଏ। ସେଥିପାଇଁ ଏହି ବେଳାଭୂମିର ବାଲି ଏଭଳି ରଙ୍ଗର। ଏହି ସମୁଦ୍ର ତଟକୁ କାର୍ କିମ୍ବା ଅନ୍ୟ ବାହନଯୋଗେ ଯାଇ ହେବ ନାହିଁ। ଅଢେଇ କି.ମି. ଚାଲି ଚାଲି ଗଲେ ଏହି ବେଳାଭୂମିରେ ପହଞ୍ଚି ହୁଏ।


**ନୀଳ ଲାଭା:** ଇଣ୍ଡୋନେସିଆର ପୂର୍ବ ଜାଭାରେ 'କାୱା ଇଜେନ୍' ନାମକ ଏକ ଜ୍ୱାଳାମୁଖୀ ରହିଛି। ଏହି ଜ୍ୱାଳାମୁଖୀର ବିଶେଷତ୍ୱ ହେଉଛି ଯେ, ଏଥିରୁ ନୀଳ ରଙ୍ଗର ଲାଭା ନିର୍ଗତ ହୁଏ। ଯାହା ଦେଖିବାକୁ ଯେତିକି ସୁନ୍ଦର ସେତିକି ଆଶ୍ଚର୍ଯ୍ୟଜନକ ବି ଲାଗେ। କାରଣ ସମସ୍ତେ ଜାଣନ୍ତି ଜ୍ୱାଳାମୁଖୀରୁ ଉତ୍ତପ୍ତ ଲାଲ ରଙ୍ଗର ଲାଭା ନିର୍ଗତ ହେଇଥାଏ। ହେଲେ ଏହି ଆଗ୍ନେୟଗିରିରୁ ନୀଳ ରଙ୍ଗର ଲାଭା ନିର୍ଗତ ହୁଏ। ବୈଜ୍ଞାନିକଙ୍କ ମତରେ ଏଭଳି ନୀଳ ରଙ୍ଗର ଲାଭା ନିର୍ଗତ ହେବା ପଛର କାରଣ ହେଉଛି, ଏଥିରେ ସଲଫର୍‌ର ମାତ୍ରା ବହୁତ ଅଧିକ ଥାଏ। ସଲଫର୍ ଥିବାରୁ ଖାସ୍‌କରି ରାତିରେ ହିଁ ଏହି ଲାଭା ଔଜ୍ଜ୍ୱଲ୍ୟମାନ ନୀଳ ରଙ୍ଗର ଦେଖାଯାଏ। ଯାହାର ଦୃଶ୍ୟ ବେଶ୍ ସୁନ୍ଦର ଲାଗେ। ହେଲେ ଏଥିରୁ ସଲଫର ଡାଇଅକ୍ସାଇଡ ନାମକ କ୍ଷତିକାରକ ଗ୍ୟାସ ନିର୍ଗତ ହୁଏ। ତେଣୁ ଯେଉଁମାନେ ଏହି ବିସ୍ମୟକର ଲାଭା ଦେଖିବାକୁ ଆସନ୍ତି ସେମାନଙ୍କୁ ମାସ୍କ ପିନ୍ଧିବାକୁ ପଡେ। ନଚେତ ଶ୍ୱାସ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା ଥାଏ।

**ରଙ୍ଗିନ ଲୁଣମରା ଯାଉଥିବା ଜମି:** ଲୁଣମରା ତ ଅନେକେ ଦେଖିଥିବେ। ଜମିଗୁଡିକରେ ସମୁଦ୍ର ଜଳକୁ ଅଗଭୀର ପୋଖରୀ ଭଳି କରି ଅଟକାଇ ରଖାଯାଏ। ସୂର୍ଯ୍ୟାଲୋକରେ ଜଳ ବାଷ୍ପୀଭୂତ ହେବାପରେ ତଳେ ଧଳା ଲୁଣ ପଡିରହେ। ସାଧାରଣତଃ ଲୁଣ ମରାଯାଉଥିବା ଜମିଗୁଡିକ ଧଳା ଦେଖାଯାଏ। ହେଲେ ସାନଫ୍ରାନ୍ସିସ୍କୋ ଉପସାଗରୀୟ ଅଞ୍ଚଳରେ ଥିବା ୧୬୫୦୦ ଏକରର ଲୁଣମରା ଜମି ଉପର ଦେଇ ଗଲାବେଳେ ଯଦି ତଳକୁ ଦେଖିବେ ଲାଗିବ ସତେ ଯେମିତି କେହି ଭୂମିରେ ରଙ୍ଗିନ ଗ୍ଲାସ୍ ପେଣ୍ଟିଂ କରିଦେଇଛି। ନୀଳ, ସବୁଜ, ଲାଲ, ହଳଦିଆ, ମାଜେଣ୍ଟା ପରି ରଙ୍ଗରେ ଏହି ଲୁଣମରା ଅଗଭୀର ମନୁଷ୍ୟକୃତ ପୋଖରୀ ସଦୃଶ ଜମିଗୁଡିକ ବେଶ୍ ଚମତ୍କାର ଲାଗେ। ଏହି ଲୁଣମରା ଜମିଗୁଡିକ କାରଗିଲ ସଲ୍ଟ ପଣ୍ଡ ନାମରେ ପରିଚିତ। ତେବେ ପ୍ରଶ୍ନ ଉଠେ ଏହି ଜମିଗୁଡିକ ଏଭଳି ରଙ୍ଗିନ ହୁଏ କେମିତି। ବୈଜ୍ଞାନିକଙ୍କ ମତରେ ଜଳର ଲବଣତା ବଢିବା ସହ ସେଥିରେ ପ୍ରାକୃତିକଭାବେ କିଛି ମାକ୍ରୋଅର୍ଗାନିଜମ୍ ସୃଷ୍ଟି ହୁଅନ୍ତି। ଜଳର ଏଭଳି ରଙ୍ଗ, ତା'ର ଲବଣତା ଓ ସେଥିରେ କେଉଁ ପ୍ରକାରର ମାଇକ୍ରୋଅର୍ଗାନିଜମ୍ ଜାତ ହୋଇଥାନ୍ତି ତା' ଉପରେ ନିର୍ଭର କରେ। ଏଥିରେ ମୁଖ୍ୟତଃ ତିନି ପ୍ରକାରର ମାଇକ୍ରୋଅର୍ଗାନିଜମ୍ ଜାତ ହୋଇଥାନ୍ତି ଯେମିତିକି ସିନେଚୋକୋକସ୍, ହାଲୋ ବ୍ୟାକ୍ଟେରିଆ ଏବଂ ଡୁନାଲିଏଲା ଜାତ ହୋଇଥାନ୍ତି। ତା'ଛଡ଼ା ଏହି ଜଳରେ ଥିବା ଶୈବାଳ ବି ଜଳକୁ ରଙ୍ଗିନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି।



**ଗୋଲାପୀ ଝିଣ୍ଟିକା:** ଜୀବଜଗତରେ ବି ଅନେକ ପ୍ରାଣୀ ଅଛନ୍ତି ଯେଉଁମାନେ ନିଜର ସାଧାରଣ ରଙ୍ଗଠୁ ଭିନ୍ନ ହୋଇଥାନ୍ତି। ଏଇ ଯେମିତି ଝିଣ୍ଟିକା। ଝିଣ୍ଟିକା ତ ସମସ୍ତେ ଦେଖିଥିବେ ହେଲେ କେବେ ଗୋଲାପୀ ରଙ୍ଗର ଝିଣ୍ଟିକା ଦେଖିଛନ୍ତି ? ଭାବୁଥିବେ ଝିଣ୍ଟିକା ପୁଣି ଗୋଲାପୀ ରଙ୍ଗର ! ହଁ ଏହି ରଙ୍ଗର ଝିଣ୍ଟିକା ଅଛନ୍ତି। କିଛି ବୈଜ୍ଞାନିକ କୁହନ୍ତି, ଝିଣ୍ଟିକାର ଏଭଳି ରଙ୍ଗ ଏରିଥରିଜ୍‌ମ ନାମକ ଜେନେଟିକ ମ୍ୟୁଟେସନ୍ ଯୋଗୁ ହୋଇଥାଏ। ଆଉ ଏହା ବହୁତ ବିରଳ। କିଛି ଗବେଷକଙ୍କ ମତରେ ଏହା ଏକ ଛଦ୍ମବେଶୀ ପତଙ୍ଗ। ଯେକି ଫୁଲ ମଧ୍ୟରେ ନିଜ ରଙ୍ଗ ଯୋଗୁ ଆରାମରେ ଲୁଚିପାରେ।

**ନୀଳ ଚିଙ୍ଗୁଡି:** ଚିଙ୍ଗୁଡି ଅନେକଙ୍କର ପ୍ରିୟ ଖାଦ୍ୟ। ଏହି ଚିଙ୍ଗୁଡି ସାଧାରଣତଃ ଧଳା ଅବା ବଡ଼ ବଡ଼ ଚିଙ୍ଗୁଡି ଲାଲ ରଙ୍ଗର ବି ଥାଆନ୍ତି। ହେଲେ ଆମେ ଏଠି ଯେଉଁ ଚିଙ୍ଗୁଡି କଥା କହୁଛୁ ତାହା ନୀଳ ରଙ୍ଗର, ଯାହାକି ବହୁତ ବିରଳ। ପ୍ରତି ୨ ମିଲିୟନରେ ଗୋଟିଏ ଏଭଳି ଦେଖିବାକୁ ମିଳନ୍ତି। ବୈଜ୍ଞାନିକଙ୍କ ମତରେ ଆନୁବଂଶିକ ବିସଙ୍ଗତିର ପରିଣାମସ୍ୱରୂପ ଚିଙ୍ଗୁଡି ନୀଳରଙ୍ଗର ହୋଇଥାନ୍ତି। ନୀଳ ଚିଙ୍ଗୁଡି ଜାଲରେ ଧରାପଡିବାର ସମ୍ଭାବନା ୨୦୦ ମିଲିୟନରେ ୧ ବୋଲି ଧରାଯାଏ।



**ସବୁଜ ହାଡ଼ ଓ ସବୁଜ ରକ୍ତ ଥିବା ଝିଟିପିଟି:** ପ୍ରାୟ ସମସ୍ତଙ୍କ ଘରର କାନ୍ଥରେ ରାଜୁତି ଥାଏ ଝିଟିପିଟିଙ୍କର। ଧୂସର ରଙ୍ଗର ଏହି ଝିଟିପିଟିଙ୍କର ମଣିଷ ପରି ଲାଲ ରଙ୍ଗର ରକ୍ତ ଥାଏ। ତେବେ ପପୁଆ ନିଉ ଗିନି ଓ ସୋଲୋମନ ଦ୍ୱୀପରେ ଦେଖିବାକୁ ମିଳନ୍ତି ପାରସିନୋହାଏମା ଭିରେନ୍ ନାମକ ଭିନ୍ନ ଧରଣର ଏକ ଝିଟିପିଟି। ଯାହାର ରକ୍ତ ସବୁଜ ରଙ୍ଗର ହୋଇଥାଏ। ଏହି ସବୁଜ ରଙ୍ଗ ପିଗମେଣ୍ଟେଶନ ଯୋଗୁ ତା'ର ମାଂସପେଶୀ, ହାଡ଼, ଜିଭ ଆଦି ମଧ୍ୟ ଔଜ୍ଜ୍ୱଲ୍ୟମାନ ଲାଇମ ଗ୍ରୀନ ରଙ୍ଗର ହୋଇଥାଏ। ବାୟୋଲୋଜିଷ୍ଟ କ୍ରିଷ୍ଟୋଫର ଅଷ୍ଟିନଙ୍କ ମତରେ ପିତ୍ତରସରୁ ବାହାରୁଥିବା ଏକପ୍ରକାରର ଗ୍ରୀନ ପିଗମେଣ୍ଟ ବିଲିଭରଡିନ୍ ହେଉଛି ସବୁଜ ରଙ୍ଗ ହେବାପଛର କାରଣ। ଏହି ଗ୍ରୀନ ପିଗମେଣ୍ଟ ପାଇଁ ଅନେକ ସମୟରେ ମଣିଷର ଜଣ୍ଡିସ ହେବାସହ ଆଖିର ସ୍ଥାନ ସବୁଜ ଦେଖାଯାଏ।

ସତରେ ରଙ୍ଗର ପସରା ଏଇ ପୃଥିବୀରେ ବେଳେବେଳେ ଏମିତି କିଛି ନିଆରା ରଙ୍ଗର ଛିଟା ଦେଖିବାକୁ ମିଳେ, ଯାହା ମଣିଷକୁ ଚକିତ କରେ ସବୁ ସମୟରେ...।

**–ଶିବାନୀ ମହାନ୍ତି**





# କାଳ ନ ହେଉ ହୋଲି ଖେଳ

—ଡ. କମଳାକାନ୍ତ ଜେନା



**ରଙ୍ଗର ପର୍ବ ହୋଲି ସମସ୍ତଙ୍କର ପ୍ରିୟ। କିନ୍ତୁ ଏହି ରଙ୍ଗ ଖେଳିବା ପରେ କାହାର ଆଖି ଜଳୁଛି ତ କାହାର ମୁହଁ ଜଳୁଛି, କାହାର କେଶ ଉପୁଡି ଯାଉଛି, କିଏ ଠିକ୍ ଭାବରେ ଶ୍ୱାସକ୍ରିୟା କରିପାରୁନାହିଁ, କାହାର ଶରୀରରୁ ଚର୍ମ ବାହାରି ଯାଉଛି ତ ପୁଣି କାହାର ରଙ୍ଗ ଖେଳିବା ପରେ ବାନ୍ତି ଲାଗୁଛି, ହୋଲି ପରେ କାହାର ଆଖିକୁ ଦେଖାଯାଉନାହିଁ, ଆଖି ଲାଲ ପଡିଛି ... ଏମିତି ଅନେକ ସମସ୍ୟା ସୃଷ୍ଟି ହେଉଛି ରଙ୍ଗ ଖେଳିବା ଦ୍ୱାରା। ଯାହାର ଏକମାତ୍ର କାରଣ ହେଉଛି ରାସାୟନିକ ରଙ୍ଗ। ଏହାର ପ୍ରଭାବ ଏତେ ବେଶି ଯେ, ଯଦି କୌଣସି ଅନ୍ତଃସତ୍ତ୍ୱା ମହିଳା ରାସାୟନିକ ରଙ୍ଗରେ ହୋଲି ଖେଳୁଛନ୍ତି, ତା'ହେଲେ ପରବର୍ତ୍ତୀ ସମୟରେ ତାଙ୍କ ଜନ୍ମିତ ଶିଶୁଠାରେ ଏହାର କୁପ୍ରଭାବ ପରିଲକ୍ଷିତ ହେଉଛି। ତେବେ ଜାଣନ୍ତୁ କ'ଣ ରହିଛି ଏହି ରାସାୟନିକ ରଙ୍ଗରେ...**

**ବିଷରେ ତିଆରି ରଙ୍ଗ :**

**✲ କଳାରଙ୍ଗ:** ଉଭୟ ତରଳ ଓ ଗୁଣ୍ଡ କଳାରଙ୍ଗ ମିଳିଥାଏ । କଳାରଙ୍ଗ ପ୍ରସ୍ତୁତ କରିବା ନିମନ୍ତେ ସାଧାରଣତଃ ଲେଡ୍ ଅକ୍ସାଇଡ୍ ନାମକ ରାସାୟନିକ ପଦାର୍ଥ ବ୍ୟବହୃତ ହୁଏ । ଏହା ଏକ ବିଷାକ୍ତ ରାସାୟନିକ ପଦାର୍ଥ । ଏହି ରସାୟନ ଆମ ଶରୀରରେ ମୂତ୍ରାଶୟଜନିତ ସମସ୍ୟା ସୃଷ୍ଟି କରିଥାଏ । କେବଳ ସେତିକି ନୁହେଁ, ଲୋକମାନେ ଗାଡ଼ିମୋଟର ଇଞ୍ଜିନରୁ ବାହାରୁଥିବା ପୋଡ଼ା ତେଲ, ବ୍ୟବହୃତ ପୋଡ଼ା ଗ୍ରିଜ୍ ଓ ହାଣ୍ଡିକଳାକୁ ମଧ୍ୟ କଳାରଙ୍ଗ ହିସାବରେ ବ୍ୟବହାର କରନ୍ତି । ଏହା ଆମ ଶରୀରର ଚର୍ମ ପ୍ରତି ନିଃସନ୍ଦେହ କ୍ଷତିକାରକ ।

**✲ ନୀଳରଙ୍ଗ:** ତରଳ ନୀଳରଙ୍ଗ ପ୍ରସ୍ତୁତ କରିବା ପାଇଁ ସାଧାରଣତଃ ପ୍ରୁସିଆନ୍ ବ୍ଲିଉ ବ୍ୟବହାର ହୁଏ, ଯେଉଁଥିରେ ଫେରସ୍ ଫେରୋସିଆନାଇଡ୍ ଲବଣର ଅକ୍ସାଇଡ୍ ଥାଏ । ଏହି ରାସାୟନିକ ପଦାର୍ଥ ଆମ ଶରୀରରେ ଚର୍ମରୋଗ ସୃଷ୍ଟି କରିବାରେ ସହାୟତା କରିଥାଏ । ସେହିପରି ଶୁଖିଲା ନୀଳରଙ୍ଗର ଗୁଣ୍ଡ ପାଇଁ ଜିଙ୍କ ଲବଣ ଓ କୋବାଲ୍ଟ ନାଇଟ୍ରେଟ୍ ଭଳି ରାସାୟନିକ ଦ୍ରବ୍ୟ ଆବଶ୍ୟକ ହୁଏ । ଏହା ମଧ୍ୟ ଆମ ଚର୍ମରେ ରୋଗ ସୃଷ୍ଟି କରେ ।

**✲ ସବୁଜ ରଙ୍ଗ:** ତରଳ ସବୁଜ ରଙ୍ଗ ପ୍ରସ୍ତୁତ କରିବା ନିମନ୍ତେ ସାଧାରଣତଃ କପର୍ ସଲଫେଟ୍ ନାମକ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହୃତ ହୁଏ । ଏହି ରାସାୟନିକ ପଦାର୍ଥ ଆମର ଶ୍ୱାସ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ତାସହ ଏହା ଆଖିରେ ପଡ଼ିଲେ ଆଖି ପୋଡ଼େ ଓ ବହୁ ସମୟ ପାଇଁ ଦେଖାଯାଏ ନାହିଁ । ଏପରିକି ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇବାର ମଧ୍ୟ ଆଶଙ୍କା ଥାଏ । ସେହିପରି ଶୁଖିଲା ସବୁଜ ରଙ୍ଗ ପାଇଁ ନିକେଲ୍ ସଲଫେଟ୍ ଓ ମେଟାନିଲ୍ ଗ୍ରୀନ୍ ଦରକାର । ଏହି ରାସାୟନିକ ପଦାର୍ଥଗୁଡ଼ିକ ଚର୍ମ ପ୍ରତି କ୍ଷତିକାରକ ।

**✲ ରୁପେଲି ରଙ୍ଗ:** ରୁପେଲି ରଙ୍ଗ ତିଆରିରେ ଆଲୁମିନିୟମ୍ ବ୍ରୋମାଇଡ୍ ନାମକ ରାସାୟନିକ ଦ୍ରବ୍ୟ ବ୍ୟବହୃତ ହୋଇଥାଏ । ଏହା ଆମର ଚର୍ମ ସଂସ୍ପର୍ଶରେ ଆସିଲେ ଜଳାପୋଡା ଓ ଚର୍ମରୋଗ ସୃଷ୍ଟି କରେ । ଏହାବାଦ ଏଥିରେ ଜିଙ୍କ୍ ଅକ୍ସାଇଡ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଦେଖିବାକୁ ଧଳା ପାଉଡର ପରି । ଏହା ପାଣିରେ ମିଶେ ନାହିଁ। ଏହାକୁ ମଧ୍ୟ ରଙ୍ଗ ପରି ବ୍ୟବହାର କରାଯାଏ। ଆଜିକାଲି ରୁପେଲି ରଙ୍ଗର ମାରାତ୍ମକ ରାସାୟନିକ ବାର୍ନିସ୍‌କୁ ମଧ୍ୟ ଲୋକମାନେ ହୋଲି ଖେଳରେ ବ୍ୟହାର କରୁଛନ୍ତି । ଏହି ରାସାୟନିକ ପଦାର୍ଥ ଆମ ଚର୍ମରେ ଲାଗିଲେ ଜ୍ୱଳନ ହୁଏ ଓ ପରବର୍ତ୍ତୀ ସମୟରେ ଚର୍ମରୋଗ ସୃଷ୍ଟି କରେ ।

**✲ ଲାଲ୍ ରଙ୍ଗ:** ହୋଲି ଖେଳରେ ଲାଲ୍ ରଙ୍ଗର ଢେର୍ ଆଦର । କିନ୍ତୁ ଆଜିର ଲାଲ୍ ରଙ୍ଗ ତା'ଠାରୁ ଅଧିକ ଭୟଙ୍କର । ତରଳ ଲାଲ୍ ରଙ୍ଗ ତିଆରି କରିବା ପାଇଁ ସାଧାରଣତଃ ପାରଦ ସଲ୍‌ଫାଇଡ୍ ବ୍ୟବହାର କରାଯାଏ । ଏହା ଆହୁରି ଏକ ବିଷାକ୍ତ ରାସାୟନିକ ପଦାର୍ଥ । ଆମ ଶରୀରର ଚର୍ମ ଏହି ରସାୟନ ସଂସ୍ପର୍ଶରେ ଅଧିକ ସମୟ ଆସିଲେ ତାହା ଚର୍ମ କର୍କଟ ସୃଷ୍ଟି କରିଥାଏ । ଲାଲ୍ ଅବିର ତିଆରି କରିବା ପାଇଁ ଲେଡ୍ କ୍ରୋମେଟ୍ ଓ ମର୍କ୍ୟୁରି ଆଇଓଡାଇଡ୍ ନାମକ ପଦାର୍ଥ ବ୍ୟବହାର କରାଯାଉଛି । ଏହା ଆମର ଚକ୍ଷୁ ସଂସ୍ପର୍ଶରେ ଆସିଲେ ଚକ୍ଷୁରେ କ୍ଷତ ସୃଷ୍ଟି କରିଥାଏ ।

**✲ ହଳଦିଆ ରଙ୍ଗ:** ହଳଦିଆ ଅବିର ବା ଶୁଖିଲା ଗୁଣ୍ଡ ପ୍ରସ୍ତୁତି ପାଇଁ ଅରାମିନ୍, ମେଟାନିଲ୍ ୟେଲୋ ଓ ସନ୍‌ସେଟ୍ ୟେଲୋ ଭଳି ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ । ଏଗୁଡ଼ିକ ଆମର ଚର୍ମରେ ଲାଗିଲେ ଚର୍ମର ଉପରିଭାଗ କ୍ଷତିଗ୍ରସ୍ତ ହୁଏ । ସେହି ସ୍ଥାନରେ ସୂର୍ଯ୍ୟକିରଣ ପଡ଼ିଲେ ଜ୍ୱଳନ ସୃଷ୍ଟି ହୁଏ । ଜିଙ୍କ କ୍ରୋମେଟ୍ ଓ ଜିଙ୍କ ସଲଫାଇଡ୍ ଭଳି ବିଷାକ୍ତ ରାସାୟନିକ ପଦାର୍ଥକୁ ମଧ୍ୟ ହଳଦିଆ ରଙ୍ଗ ଭାବରେ ବ୍ୟବହାର କରାଯାଉଛି ।

ଉପରେ ମାତ୍ର ଛଅଟି ରାସାୟନିକ ହୋଲିରଙ୍ଗ ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଛି । କିନ୍ତୁ ବଜାରରେ ପାଟଳରଙ୍ଗ, କମଳାରଙ୍ଗ, ନୀଳଲୋହିତ ରଙ୍ଗ ଭଳି ଆହୁରି ଅନେକ ନୂଆ ନୂଆ ଉଜ୍ଜ୍ୱଳ ତଥା ଆକର୍ଷଣୀୟ ରଙ୍ଗମାନ ମିଳିଥାଏ । ସେସବୁ ରୋଡାମିନ୍, କ୍ରୋମିୟମ୍ ଆଇଓଡାଇଡ୍ ଇତ୍ୟାଦି ବିଷାକ୍ତ ରାସାୟନିକ ପଦାର୍ଥରେ ତିଆରି ହୋଇଥାଏ । ପୁଣି ସେଗୁଡ଼ିକୁ ବ୍ୟବହାର ଉପଯୋଗୀ ତଥା ଅଧିକ ଆକର୍ଷଣୀୟ କରିବା ପାଇଁ ଧାତବଗୁଣ୍ଡ, ଜିଙ୍କଗୁଣ୍ଡ, କାଚ଼ଗୁଣ୍ଡ, ସରୁବାଲି, ଇଞ୍ଜିନରୁ ବାହାରିଥିବା ପୋଡ଼ାତେଲ ଓ ବିଭିନ୍ନ ବିଷାକ୍ତ ତେଲ ଇତ୍ୟାଦି ମିଶାଯାଇଥାଏ । ହୋଲି ଖେଳିବା ସମୟରେ ସେହି ରାସାୟନିକ ପଦାର୍ଥଗୁଡ଼ିକ ଆମର ଚର୍ମ, ମୁଣ୍ଡବାଳ ଓ ଚକ୍ଷୁ ସଂସ୍ପର୍ଶରେ ଆସିଥାଏ । ଫଳରେ ମୁଣ୍ଡରୁ କେଶ ଝଡ଼େ, ଚକ୍ଷୁରୋଗ ଓ ଚର୍ମରୋଗ ସୃଷ୍ଟି ହୁଏ । କେବଳ ସେତିକି ନୁହେଁ, ସେହି ରାସାୟନିକ ପଦାର୍ଥଗୁଡ଼ିକ ମଧ୍ୟ ଆମର ପାଟି ଦେଇ ଶରୀର ଭିତରକୁ ଯାଇଥାଏ । ଫଳରେ ଆମର ଯକୃତ, ବୃକ୍କ, ମୂତ୍ରାଶୟ ଓ ପାକସ୍ଥଳୀ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗସବୁ ଆକ୍ରାନ୍ତ ହୁଏ । ଖେଳ ସମୟରେ ଆମ କାନରେ ପଶିଥିବା ରାସାୟନିକ ଅବିର ବା ରଙ୍ଗ ହିଁ ପରବର୍ତ୍ତୀ ସମୟରେ କାନ ଭିତରେ ଘା' ହେବା, ଭଲ ନ ଶୁଭିବା ଓ ସବୁବେଳେ କାନ କୁଣ୍ଡେଇହେବା ପରି ବିଭିନ୍ନ ସମସ୍ୟା ସୃଷ୍ଟି କରେ । ଏଥିରୁ ସହଜରେ ବୁଝିହେଉଛି, ଆଜିକାଲିର ଆକର୍ଷଣୀୟ ରାସାୟନିକ ରଙ୍ଗଗୁଡ଼ିକ ମାତ୍ର ୬–୮ ଘଣ୍ଟାର ଆନନ୍ଦ ଦିଏ ସତ, କିନ୍ତୁ ପରେ ସବୁଦିନ ପାଇଁ ଆମ ଶରୀରରେ ରୋଗ ଆଉ ମନରେ ଦୁଃଖ ଛାଡ଼ିଯାଏ ।

*–ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ,*
*ଭଦ୍ରକ ସ୍ୱୟଂଶାସିତ ମହା ବିଦ୍ୟାଳୟ*
*–ମୋ: ୯୪୩୯୪୦୧୬୪୧*





# ପଦ୍ମଶ୍ରୀ ପ୍ରଭାକର



**ମୂର୍ତ୍ତିକଳାରେ ତାଙ୍କର ନିଷ୍ଠା ଓ ସାଧନା ତାଙ୍କୁ କେବଳ ରାଜ୍ୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ଦେଇଛି ପରିଚୟ..**



**ପି**ଲାଟି ଦିନରୁ ସେ ବିଭିନ୍ନ କାରୁକାର୍ଯ୍ୟମୟ ମନ୍ଦିର ଦେଖିଲେ ଆତ୍ମବିଭୋର ହେଉଥିଲେ। ଘରେ ବାପାଙ୍କ ହସ୍ତଶିଳ୍ପ କାମରେ ସହଯୋଗ କରୁଥିଲେ। ଏଥିପାଇଁ ସ୍କୁଲପଢ଼ାକୁ ଅଧାରୁ ବନ୍ଦକରି ଯୋଗଦେଇଥିଲେ ରାଜ୍ୟ ହସ୍ତଶିଳ୍ପ କେନ୍ଦ୍ରରେ। ସମୟକ୍ରମେ ବିଭିନ୍ନ ପଥରରେ ଗଢ଼ିଲେ ସୁନ୍ଦର ସୁନ୍ଦର କଳାକୃତି । ହସ୍ତଶିଳ୍ପ କାର୍ଯ୍ୟରେ ତାଙ୍କର ନିଷ୍ଠା ଓ ସାଧନା ତାଙ୍କୁ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦେଇଛି ପରିଚୟ। ଜଣେ ସ୍ଥପତିଭାବେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି। ସେ ହେଲେ **ପଦ୍ମଶ୍ରୀ ପ୍ରଭାକର ମହାରଣା**। ଜନ୍ମ ୨.୯.୧୯୬୦ ମସିହାରେ। ମାତା ହାଡ଼ିମଣି ମହାରଣା। ପିତା– ସାଧୁ ମହାରଣା। ଘର ପୁରୀ ଜିଲାର ଗୋପବ୍ଲକ ଅଧୀନ ସୁଜାନଗରରେ । ସେ କୁହନ୍ତି– ଘରେ ବାପା ସେତେବେଳେ ପଥର ଓ କାଠ ଖୋଦନକରି ବିଭିନ୍ନ ମୂର୍ତ୍ତି ତିଆରି କରୁଥିଲେ। ମାମୁ ଧତ୍ରୁ ମହାରଣା ଏବଂ ବାପାଙ୍କ ପ୍ରେରଣାରେ ସ୍କୁଲପାଠ ଅଧାରୁ ବନ୍ଦକରି ଭୁବନେଶ୍ୱର ପଳାଇ ଆସିଥିଲି। ୧୯୭୫ ମସିହାରୁ ରାଜ୍ୟ ହସ୍ତଶିଳ୍ପ ଭବନରେ ତାଲିମ ନେଲି। କର୍ମଶାଳାରେ ପଥର ମୂର୍ତ୍ତି ଗଢିଲାବେଳେ କିଛି ଭାଙ୍ଗିବ ନାହିଁ ବରଂ ପଥରକୁ ଖୋଦନ କରିବାକୁ ପଡ଼ିଥାଏ। ମୂର୍ତ୍ତିଟିଏ ଗଢ଼ିବା ପୂର୍ବରୁ ମୋ ମନରେ ସ୍ୱତନ୍ତ୍ର ଭାବନା ଜାଗ୍ରତ ହୁଏ। ଏକ ମୂର୍ତ୍ତିର ପରିକଳ୍ପନା କରେ। ତା'ପରେ କଳାକୃତିର ରୂପରେଖକୁ ପୂର୍ଣ୍ଣାଙ୍ଗ କରିସାରିଲା ପରେ ଅପାର ଆନନ୍ଦ ପାଏ। ମତେ ଲାଗେ ନିର୍ଜୀବ ପଥର ଦେହରେ କଳାର ପ୍ରାଣ ସଞ୍ଚାର ହୁଏ। ଗଢ଼ିଥିବା ସୁନ୍ଦର ସୁନ୍ଦର ମୂର୍ତ୍ତି ଯେତେବେଳେ ଗରାଖଙ୍କୁ ଆକର୍ଷିତ କରିଥାଏସେହି ସମୟର ଖୁସୀ କେବଳ ଜଣେ ଶିଳ୍ପୀ ହିଁ ଅନୁଭବ କରିପାରେ। ୧୯୭୬ ମସିହାର କଥା, ରାଜ୍ୟ ହସ୍ତଶିଳ୍ପ ଭବନରେ କେତୋଟି ମୂର୍ତ୍ତି ନିର୍ମାଣ କରୁଥାଏ। ଏଠାକୁ ଥରେ କେତେଜଣ ଗରାଖ ଆସି ନିର୍ମାଣ ହୋଇଥିବା ବିଭିନ୍ନ ମୂର୍ତ୍ତିକୁ ଦେଖିଲେ। ମାତ୍ର ମୁଁ ତିଆରି କରିଥିବା ୨ଟି ଛୋଟଛୋଟ ଗଣେଶ ମୂର୍ତ୍ତିକୁ ସେମାନେ ୬୫ଟଙ୍କାରେ କିଣି ନେଇଥିଲେ। ସେହି ମୂର୍ତ୍ତି ବିକ୍ରି ଟଙ୍କାରେ ଫୁଲପ୍ୟାଣ୍ଟ ଶାର୍ଟ କିଣିକରି ପିନ୍ଧିଥିଲି। ଏହା ମୋତେ ସବୁଠାରୁ ଆନନ୍ଦ ଦେଇଥିଲା। ସେହିପରି ଆଉଥରେ କେତେଜଣ ଶିଳ୍ପୀମାନଙ୍କ ଦ୍ୱାରା ନିର୍ମାଣ ହୋଇଥିବା ବିଭିନ୍ନ କଳାକୃତିକୁ ଏକ ମେଳାରେ ପ୍ରଦର୍ଶନ କରାଯାଇଥାଏ। ଏଠାକୁ ଆସିଥିବା ଗରାଖମାନେ ଏକ ରାଧାକୃଷ୍ଣଙ୍କ ମୂର୍ତ୍ତି ନେବା ପାଇଁ ତା'ର ମୂଲ୍ୟ ପଚାରିଥିଲେ, ହେଲେ ସେମାନଙ୍କୁ ସେହି ମୂର୍ତ୍ତିର ଦର ଅଧିକ ଲାଗିବାରୁ ସେଠାରୁ ସେମାନେ ଫେରିଯାଉଥିଲେ, କିନ୍ତୁ ସେହି ମୂର୍ତ୍ତିର ଆକର୍ଷଣ ତାଙ୍କୁ ପୁଣି ପଛକୁ ଫେରାଇ ଆଣିଥିଲା। କେବଳ ସେହି ମୂର୍ତ୍ତିଟିକୁ ନେବା ପାଇଁ ବହୁତ ଅନୁରୋଧ କରିଥିଲେ। ମାତ୍ର ସେହି ମୂର୍ତ୍ତିର ମୂଲ୍ୟ ଯାହା କୁହାଯାଇଥିଲା ସେହି ମୂଲ୍ୟଠାରୁ କମ୍ ଅର୍ଥ ଦେବାକୁ କହିଲେ। ତା ପରେ ସେମାନଙ୍କ ପାଖରେ ଆଉ ଅଧିକ ଅର୍ଥ ନଥିବାର କହିଥିଲେ। କିନ୍ତୁ ସେମାନଙ୍କ ଆଗ୍ରହ ଓ ଅନୁରୋଧକୁ ରକ୍ଷାକରି ସେହି ମୂର୍ତ୍ତିଟି କମ୍ ମୂଲ୍ୟରେ ବିକ୍ରି କରିଥିଲି। ମୁଁ ସାଧାରଣତଃ ଗ୍ରାନାଇଟ ପଥର, ବଉଳାପଥର, କପ୍ତିପଦା ଗ୍ରୀନପଥର, କଳାମୁଗୁନି ପଥର, ରାଜସ୍ଥାନର ବଂଶୀପାହାଡ଼ ପଥରରେ ବିଭିନ୍ନ ମୂର୍ତ୍ତି କାମ ନିର୍ମାଣ କରିଥାଏ। ତିଆରି କରିଥିବା ପଥର ମୂର୍ତ୍ତି ମଧ୍ୟରେ– ନୃତ୍ୟ ଶ୍ରୀଗଣେଶ, ନଟରାଜ, ରାଧାକୃଷ୍ଣ, ଶିବପାର୍ବତୀ ନୃତ୍ୟ, ନାରାୟଣଙ୍କ ଅନନ୍ତ ଶୟନ, ସମୁଦ୍ର ମନ୍ଥନ, ଗୌତମ ବୁଦ୍ଧ, ଓଡ଼ିଶୀ ନୃତ୍ୟାଙ୍ଗନା, ବୁଦ୍ଧଦେବ, ଅସ୍ତସୂର୍ଯ୍ୟ ଇତ୍ୟାଦି। ଓଡ଼ିଶାର, ପୁରୀ, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲାର କେତେକ ମନ୍ଦିର ନିର୍ମାଣ କାର୍ଯ୍ୟରେ ସ୍ଥପତି ଭାବେ ମଧ କାର୍ଯ୍ୟ କରିଛି। ଓଡ଼ିଶାରେ ଏକ ବୁଦ୍ଧମୂର୍ତ୍ତିକୁ ପ୍ରାୟ ୨୮ଲକ୍ଷ ଟଙ୍କାରେ ବିକ୍ରି କରିଥିଲୁ। ସେହିପରି ବିଦେଶକୁ ପ୍ରାୟ ୭୦ଲକ୍ଷ ଟଙ୍କାରେ ଏକମୂର୍ତ୍ତି ବକ୍ରି କରିଥିଲୁ। ବିହାର, ରାଜସ୍ଥାନ, ମହାରାଷ୍ଟ୍ର, ଅରୁଣାଚଳପ୍ରଦେଶରେ କେତେକ ମନ୍ଦିର ନିର୍ମାଣରେ ମଧ ମୁଁ ସାମିଲ ଅଛି। ସେ ମଧରେ ସତୀମାତା ମନ୍ଦିର, ଅକ୍ଷର ଧ୍ୟାମ ସ୍ୱାମୀ ନାରାୟଣ ମନ୍ଦିର, ଶାନ୍ତିସ୍ତୁପ ଧଉଳି, ବାରାଣାସୀ ଓ ଗୁର୍‌ଗାଁ ଆଦି ଏକାଧିକ ମନ୍ଦିରରେ କାର୍ଯ୍ୟ କରିପାରିଛି। ଏହା ବ୍ୟତୀତ ବିଦେଶରେ ଯଥା–ଦକ୍ଷିଣ ଆମେରିକାର କେତୋଟି ଦେଶ, ଦକ୍ଷିଣ ଆଫ୍ରିକାର କେତୋଟି ଦେଶ, ଇଟାଲି, ଜିମ୍ବାୱେ, ଅଷ୍ଟ୍ରେଲିୟା, ଜାପାନ, ସିଙ୍ଗାପୁର, ପ୍ୟାରିସ, ବ୍ରାଜିଲ, ଜାପାନ, ବୁଲ୍‌ଗେରିଆ, ମାଲେସିଆ, ଅଷ୍ଟ୍ରେଲିଆ ଆଦି ଦେଶକୁ ଯାଇଛି। ନାଇଜେରିଆ ଜଗନ୍ନାଥମନ୍ଦିର ନିର୍ମାଣ କାର୍ଯ୍ୟରେ ସାମିଲ ହୋଇଛି। ପ୍ରଥମେ ୧୯୮୭ରେ ରାଜ୍ୟ ଶିଳ୍ପ ନିର୍ଦ୍ଦେଶାଳୟରୁ ରାଜ୍ୟସ୍ତରୀୟ ପୁରସ୍କାର। ୨୦୧୫ରେ ଶିଳ୍ପୀଗୁରୁ ସମ୍ମାନ, ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ସମ୍ମାନିତ ହେବା ସହ ୧୯୯୨ରେ ରାଷ୍ଟ୍ରୀୟ ପୁରସ୍କାର ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କଠାରୁ, ୨୦୧୬ରେ ଲାଇଫ ଟାଇମ୍ ଆଚିଭମେଣ୍ଟ ପୁରସ୍କାର, ୨୦୨୦ରେ ଧର୍ମପଦ ପୁରସ୍କାର, ୨୦୧୯ରେ କୋଣାର୍କ ସାହିତ୍ୟ ସଂସଦ ଓ ରାଜ୍ୟ ଟ୍ୟୁରିଜମ୍ ବିଭାଗ ତରଫରୁ ଧରମା ସମ୍ମାନ, ୨୦୧୨ରେ ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ, ୨୦୧୭ ଫାଇନ ଆର୍ଟ ପାଇଁ ନାଲ୍‌କୋ ତରଫରୁ ସମ୍ମାନିତ, ୨୦୨୦ରେ କଳାଶ୍ରୀ ସମ୍ମାନ, ୨୦୧୮ରେ ଏକାମ୍ର ସଂସ୍କୃତି ପୁରସ୍କାର, ୨୦୦୦ ମସିହାରେ ବେଷ୍ଟ ଆର୍ଟିଷ୍ଟ ପୁରସ୍କାର ଓ ୨୦୧୮ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପଦ୍ମଶ୍ରୀ ସମ୍ମାନ ଆଦି ଶତାଧିକ ପୁରସ୍କାର ଓ ସମ୍ମାନ ମିଳିସାରିଛି। ପରିବାର କହିଲେ, ଆମେ ତିନିଭାଇ ଏକ ଯୌଥ ପରିବାର। କୋଣାର୍କ କଳା ନାମରେ ଏକ ହସ୍ତଶିଳ୍ପ ଅନୁଷ୍ଠାନ ଗଠନ କରିଛି। ଏଥିରେ ଏକାଧିକ ଶିଳ୍ପୀ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ସେମାନଙ୍କ ପରିବାର ପ୍ରତିପୋଷଣ କରିବାସହ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ଯାହା ମତେ ଆତ୍ମସନ୍ତୋଷ ଦେଉଛି।







–ବନବିହାରୀ ବେହେରା



## ତିନୋଟି ପଦ

**–ମିରିନା ମହାନ୍ତି**

ଏକ
ଉତୁରି ପଡୁଛି ବୟସ ।
ଦୁଧ ଉତୁରିଲେ ଚୁଲିକୁ
ମଣିଷ ଉତୁରିଲେ ଗାତକୁ
ବୟସ ଉତୁରିଲେ
ଇଡିଯାଇଥିବ, ରଙ୍ଗଦାନିରୁ ରଙ୍ଗ ।
ଦୁଇ
ତୃଷିତ ଆକାଶର ଓଷ୍ଠଧାର
ଛୁଉଁଛି ବସୁଧାକୁ
କଅଁଳ ଜୀବନରେ
କୁଆଁ ମେଲୁଛି ବଞ୍ଚିବାର ମୋହ ।
ତିନି
ମୋ ନ ଥିଲା ପଣରେ
ମୁଁ ହାତ ବଢ଼ାଇଲି
ତୁମେ ସ୍ପର୍ଶ ଦେଲ,
ଅଜାଡି ହୋଇଗଲା
ମୁଠା ମୁଠା କଳରୋଳ ।
ପାଦତଳେ ଲୋଟୁଥିଲା ଐଶ୍ୱର୍ଯ୍ୟ ।

*–ଗାୟତ୍ରୀ ବିହାର, ଯାଜପୁର ରୋଡ*
*ମୋ: ୯୮୬୧୪୩୩୩୯୩*

## ପରିଚୟ

**–ବନ୍ଦନା ପଣ୍ଡା**

ରାତି ପାହିଲେ
ଗଙ୍ଗଶିଉଳି ଝଡ଼େ
ମାଟିରେ ମାଟିରେ,
ନିଜ ମୂଳ, ନିଜ ସୃଷ୍ଟି, ନିଜ ଡାଳ
ନିଜ ଦେହର ଛାଇରେ ।
ପରିଚୟ ହଜେଇ ଦେଇ
ନିଜ କୋକେଇରେ ।
ମହକ ସେ ବାଣ୍ଟୁଥାଏ
ଦିବ୍ୟ ପୁଲକରେ ।
ଗଙ୍ଗଶିଉଳି କି ଡରୁଥାଏ
ଅଳ୍ପ ଆୟୁଷର ପୀଡ଼ା !
କାହା ଗଳାରେ ସଜେଇ ହେବାକୁ,
କାହା ଗଭାରେ ପ୍ରେମିକ ପରି
ଗୁଡ଼େଇ ହେବାକୁ
କାହା ହାତବଳାରେ ଗହଣା ସାଜି
ଫୁଲେଇ ହେବାକୁ
ସେ ଲୋଭରେ ନ ଥାଏ ।
ଗଙ୍ଗଶିଉଳି ସେ
କବି କଲମରୁ ଝରାଉଥାଏ
ବାସ୍ନାୟିତ ରାତି,
ସତେଜ ସକାଳ,
ପ୍ରଣୟର ରୀତି,
ସାର୍ଥକ ଜୀବନର
ଏକ ମାତ୍ର ରାତି ।

*–୧୦୫, ଲୁମ୍ବିନୀ ବିହାର, ଭୁବନେଶ୍ୱର*
*ମୋ: ୯୪୩୭୪୨୮୬୪୯*



# ରଙ୍ଗରସରେ କବି

**–ଦୀପ୍ତିମୟୀ ଶତପଥୀ**

ଫଗୁଦଶମୀରେ ସାହିତ୍ୟ ଆସର ଆୟୋଜନ ହେବ ସ୍ଥିର ହେଲା । 'ସାହିତ୍ୟରେ ରଙ୍ଗର ପ୍ରୟୋଗ' ଉପରେ କବିତା ପାଠୋତ୍ସବ । ନିମନ୍ତ୍ରଣ ପତ୍ରରେ ଅତିଥି କବି, ବରିଷ୍ଠ କବି, ସମ୍ବର୍ଦ୍ଧିତ କବି ସବୁ ଥିଲେ । ଗୋବରା ପ୍ରାୟ ସଭାରେ ଚାରିଫାଳିଆ କବିତା ସ୍ୱରଦେଇ ଗାଉଥିଲା । ନିଜ ନାଁ ଆଗରେ କବି ସୁଗନ୍ଧ ଲେଖୁଥିଲା । ଏଥର ଦଶଧାଡ଼ି ବଡ଼କବିତା ପଢ଼ିବାକୁ ବାରଣ ଥିଲା । ତଥାପି ସଭାମୋହ କାରଣରୁ ବନ୍ଧୁ କବି ସୁକଣ୍ଠ ସୁକୁମାରକୁ ସାଙ୍ଗରେ ନେଇ ସଭାରେ ପହଞ୍ଚିଲା ।


ସଭା ଆରମ୍ଭହେବା ପୂର୍ବରୁ ଦୁଇଜଣ ତରୁଣ ଦୌଡ଼ାଦୌଡ଼ି କରି ଆସନଠାରୁ ଜଳପାନ ଯାଏ ସବୁ ବୁଝୁଥିଲେ । ମଝିରେ ଝାଳନାଳ ଅବସ୍ଥାରେ ମଞ୍ଚରେ କବିତାଟିଏ ପଢ଼ିଦେଇ ପୁଣି ରୋଷେଇ ବ୍ୟବସ୍ଥା ଦେଖୁଥିଲେ । ସେମାନେ ଯୋଗାଡ଼ିଆ କବି । ତାଙ୍କ ବିନା ସାହିତ୍ୟ ସଭା ହେଇପାରିବ ନାହିଁ । ଯାହାଙ୍କୁ ଆଣିବା, ହାତଧରି ମଞ୍ଚକୁ ନେବା, ସଭା ଶେଷରେ ଘରେ ପହଞ୍ଚେଇବା ବ୍ୟବସ୍ଥା ହୋଇଥିଲା, ସେ ବରିଷ୍ଠ କବି । ସେ ଅଧିକ ସମୟ ବସିରହିବାକୁ ବାଧ୍ୟ । ଅତିଥି କବି ଅନେକ ବିଳମ୍ବରେ ଆସି ନିଜର ଓଜନ ବଢ଼େଇଦେଲେ । ଦୀର୍ଘ ସମୟ ବକ୍ତବ୍ୟ ରଖିଲେ, ଟ୍ରାକ୍‌ରୁ ବାହାରିଯାଇ ରାସାୟନିକ ରଙ୍ଗର କୁପ୍ରଭାବ ଆଡ଼େ ଧସେଇଗଲେ । କବିତା ପଢ଼ିବାକୁ ଆକୁଳ ଅପେକ୍ଷାରେ ଥିବା ନିମନ୍ତ୍ରିତ, ଅନିମନ୍ତ୍ରିତ ଆଶାୟୀ କବିମାନେ ସେ ଦିଗକୁ ଦୃଷ୍ଟି ନ ଦେଇ ବାରମ୍ବାର ସମୟ ଦେଖୁଥିଲେ । ମଧ୍ୟାହ୍ନଭୋଜନ ପର୍ଯ୍ୟନ୍ତ ସବୁ ଆସନ ପୂର୍ଣ୍ଣ ଥିଲା । ଭାତ, ଡାଲମା, ଖଟାରେ ପେଟପୂଜା ହୋଇଗଲା ପରେ ଆଖି ଆଗରେ ଗୋଟିଏ ରଙ୍ଗ ଦିଶିଲା, ନିଦ୍ରାବତୀର କଳାରଙ୍ଗ । କିଛି ସୁଯୋଗ ଉଣ୍ଡି ଖସିଲେ । ଆଉ କିଛି ସମ୍ବର୍ଦ୍ଧିତ ହେବାକୁ ଥିବା ଆଶାୟୀ ବସିରହିଲେ ।

ସମ୍ବର୍ଦ୍ଧିତ କବି ଦୁଇପ୍ରକାର । ଜଣେ ଅର୍ଥଦେଇ ମାନପତ୍ର, ଉତ୍ତରୀୟ ଯୋଗାଡ଼ନ୍ତି, ଆଉ ଜଣେ ସଂସ୍ଥା ତରଫରୁ ବଛାହୋଇଥାନ୍ତି । ଉତ୍ତରୀୟ ଦୁଇ ପ୍ରକାର ; ଅର୍ଥଲଗାଣରେ ଦାମୀ, ସୁଦୃଶ୍ୟ, ଉପହାର ସୂତ୍ରରେ କାମଚଳା ।

କବି ସୁଗନ୍ଧ ଗୋବରା ଓ ସୁକଣ୍ଠ ସୁକୁମାରଙ୍କୁ ଅନେକ ପ୍ରତୀକ୍ଷା ପରେ କବିତା ପଢ଼ିବାକୁ ସୁଯୋଗ ମିଳିଲାନାହିଁ । ତାଲିମରା ସାଧାରଣ କବି ପର୍ଯ୍ୟାୟଭୁକ୍ତ ହୋଇ ଦୁଇଜଣ ଘରକୁ ଫେରିଲେ । ଅପଢ଼ା କବିତା ଦୁଇଟିକୁ ସନ୍ଧ୍ୟାରେ ପରସ୍ପରକୁ ଚା'ପାନ ସହ ପରଷିବେ ବୋଲି ସ୍ଥିର ହେଲା । ଆଉ ସେ ସନ୍ଧ୍ୟା ଆସିଲାନି । କହିବାର ଅର୍ଥ, କେହି କାହାର କବିତା ଶୁଣିବାକୁ ଚାହୁଁ ନ ଥିଲେ ।

*– ବ୍ରହ୍ମପୁର,*
*ମୋ: ୯୦୭୮୬୮୫୨୪୭*





# ସଲମାନ୍ ଯାହା ଖୋଜୁଥିଲେ...

ସଲମାନ ଖାଁ ଏବେ ଏକ ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଯାହାର ପ୍ରଯୋଜକ ସାଜିଦ ନାଦିଆଦୱାଲା ଥିବାବେଳେ ସଲମାନ ନିଜେ ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି। ତେଣୁ ଏହାର ନିର୍ଦ୍ଦେଶନା ଦାୟିତ୍ୱ ସେ ଜଣେ ନାମୀ ନିର୍ଦ୍ଦେଶକଙ୍କୁ ଦେବାକୁ ଚାହୁଁଥିଲେ। ଏହି ସମୟରେ ତାଙ୍କ ମନକୁ ଜଣେ ନିର୍ଦ୍ଦେଶକଙ୍କ ନାମ ଆସିଥିଲା। ଆଉ ବିଳମ୍ବ ନ କରି ସେ ତାଙ୍କୁ ଯୋଗାଯୋଗ କରିଥିଲେ। ସୌଭାଗ୍ୟବଶତଃ ନିର୍ଦ୍ଦେଶକ ମଧ୍ୟ ତାଙ୍କ କଥାକୁ ଏଡାଇ ପାରି ନ ଥିଲେ। ବାସ୍, ତା'ପରେ ସଲମାନଙ୍କ ଖୁସି ଦେଖେ କିଏ। ହଁ, ସେହି ନିର୍ଦ୍ଦେଶକ ହେଉଛନ୍ତି ଦକ୍ଷିଣ ଭାରତୀୟ ସିନେମାର ପରିଚିତ ବ୍ୟକ୍ତିତ୍ୱ ଏ.ଆର. ମୁରୁଗାଦୋସ। ଏ ସମ୍ପର୍କରେ ସଲମାନ କହନ୍ତି, 'ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଯଦିଓ କାହାଣୀ ଚୟନ ଶେଷ ହୋଇଛି ହେଲେ ସେଥିରେ କିଛି ପରିବର୍ତ୍ତନ କରାଯିବ। ଏ.ଆର. ମୁରୁଗାଦୋସ ଏହାର ନିର୍ଦ୍ଦେଶନା ଦେବେ। ଖୁବ୍ ଶୀଘ୍ର ଫିଲ୍ମଟିର ଟାଇଟଲ ଏବଂ ଫାଇନାଲ କାଷ୍ଟିଂ ବିଷୟରେ ସୂଚନା ଦିଆଯିବ।' ସଲମାନଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଟାଇଗର-୩'। ଅନ୍ୟପକ୍ଷରେ ସେ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଆଗାମୀ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି।


ସଲମାନ୍

# ଅନନ୍ୟାଙ୍କ ନୀରବତା


ଅନନ୍ୟା

ଅନନ୍ୟା ପାଣ୍ଡେ ଏବେ ଗୋଟିଏ କଥାକୁ ନେଇ ନୀରବ ରହୁଛନ୍ତି। ସେ ବିଷୟରେ ଅଧିକ ଆଲୋଚନା ହେଲେ ପ୍ରସଙ୍ଗ ବଦଳାଇ ଅନ୍ୟ କଥା କହୁଛନ୍ତି। ନିକଟରେ ଏକ ନୂଆ ସିନେମା ସାଇନ୍ କରିବା ପରେ ତାହାକୁ ନେଇ ସେ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସେ କୁଆଡେ କେତୋଟି ଗରମା ଗରମ ଶଟ୍ ଦେବେ। କେବଳ ସେତିକି ନୁହେଁ, ସେଥିପାଇଁ ତାଙ୍କୁ ଅଧିକ ପାରିଶ୍ରମିକ ଦିଆଯାଇଛି ବୋଲି ଆଲୋଚନା ହେଉଛି। ତେବେ ଏସବୁ ବିଷୟରେ ସଫେଇ ଦେବାକୁ ଉଚିତ ମଣୁନାହାନ୍ତି ସେ। ଏ ବିଷୟରେ ଅନନ୍ୟା କହନ୍ତି, 'ଏକଥା ସତ ଯେ ମୁଁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛି। କିନ୍ତୁ ଏଥିରେ କେତୋଟି ବୋଲ୍ଡ ଶଟ୍ ଦେବା କଥା ଯାହା ଆଲୋଚନା ହେଉଛି ତାହା ପଛରେ ସତ୍ୟତା ନାହିଁ। କାରଣ ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଏ ନେଇ ମୋତେ କୌଣସି ସୂଚନା ଦେଇନାହାନ୍ତି। ଏକଥାକୁ ଅଯଥା ରଙ୍ଗୀନ କରି ପରିବେଷଣ କରାଯାଉଛି। ତେଣୁ ସେ ବିଷୟରେ ନୀରବ ରହିବା ହିଁ ବିଜ୍ଞତାର ପରିଚୟ।' ଅନନ୍ୟାଙ୍କ ଅଭିନୀତ ଶେଷ ଫିଲ୍ମ 'ଖୋ ଗୟେ ହମ କହାଁ' ଗତ ବର୍ଷ ରିଲିଜ ହୋଇଥିଲା। ଏହି ନୂଆ ସିନେମା ବ୍ୟତୀତ ତାଙ୍କ ହାତରେ ଆଉ ଦୁଇଟି ହିନ୍ଦୀ ଫିଲ୍ମ- 'କଣ୍ଟ୍ରୋଲ' ଏବଂ 'ଦ ଅନଟୋଲ୍ଡ ଷ୍ଟୋରି ଅଫ ସି. ଶଙ୍କରନ୍ ନାୟାର' ନିର୍ମାଣାଧୀନ ଅବସ୍ଥାରେ ରହିଛି।

# ଘାରିଛି ଶାଢ଼ି ନିଶା

ତାପସୀ ପାନ୍ନୁ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ସହ ବଲିଉଡ୍‌ରେ ବି ନିଜ ଅଭିନୟର ଦକ୍ଷତା ବଳରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ତେବେ ଏହି ଅଭିନେତ୍ରୀଙ୍କୁ ଏବେ ଏକ ନିଶା ପ୍ରବଳ ଘାରିଛି। ଆଉ ସେଥିପାଇଁ ସେ ଆଲୋଚନାର କେନ୍ଦ୍ର ବିନ୍ଦୁ ବି ସାଜିଛନ୍ତି। ହେଲେ ସେ ଏମିତି କେଉଁ ମାୟାରେ ପଡିଯାଇଛନ୍ତି କି ? କଥା କ'ଣ କି ତାପସୀଙ୍କୁ ବର୍ତ୍ତମାନ ଶାଢ଼ି ନିଶା ଘାରିଛି। ଶପିଂ ସମୟରେ ସେ ଏବେ ମନଲାଖି ଶାଢ଼ି କିଣିବାରେ ବ୍ୟସ୍ତ ଅଛନ୍ତି। ଏ ନେଇ ସେ କହନ୍ତି, ''ଶାଢ଼ି ପ୍ରତି ମୋର ପୂର୍ବରୁ ଦୁର୍ବଳତା ଥିଲା। 'ଡଙ୍କି' ଫିଲ୍ମର ଶୁଟିଂ ସମୟରେ ମୋର ଏଭଳି ଅଭ୍ୟାସକୁ ଶାହରୁଖ ପ୍ରଶଂସା କରିଥିଲେ। ବାସ୍, ତା'ପରେ ମୋର ଏହି ନିଶା ଦୁଇଗୁଣ ହୋଇଯାଇଛି। ଏବେ ଶପିଂ ପାଇଁ ଯିବା ସମୟରେ ମୋ ମନରେ କେବଳ ଗୋଟିଏ କଥା ଆସୁଛି-କେମିତି ସୁନ୍ଦର ସୁନ୍ଦର ଶାଢ଼ି କିଣିବି। କୁଆଡେ ବୁଲିବାକୁ ଗଲେ ବି ମୁଁ ଏବେ ଶାଢ଼ି ପିନ୍ଧୁଛି। କାରଣ ଶାଢ଼ି ପିନ୍ଧା ହେଉଛି ଆମ ଦେଶର ପ୍ରାଚୀନ ପରମ୍ପରା।' ୨୦୧୦ରେ 'ଝୁମାନ୍ଦି ନାଦ୍ଦମ' ନାମକ ଏକ ତେଲୁଗୁ ଫିଲ୍ମରୁ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଏହାର ଠିକ୍ ଦୁଇ ବର୍ଷ ପରେ ଅର୍ଥାତ୍ ୨୦୧୨ରେ 'ଚସମେ ବଦ୍ଦୁର'ରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ନିର୍ମାଣାଧୀନ ହିନ୍ଦୀ ଫିଲ୍ମ 'ଓ୍ୱ ଲଡକି ହେ କହାଁ, 'ଫିର୍ ଆୟି ହସୀନ ଦିଲ୍‌ରୁବା' ଏବଂ 'ଖେଲ୍ ଖେଲ୍ ମେଁ'ରେ ତାଙ୍କୁ ଦେଖିବାକୁ ମିଳିବ।


ତାପସୀ

# ଅପେକ୍ଷାର ଫଳ ମିଠା

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ହିଟ୍‌ଲର''। ଖାସ୍ କଥା ହେଲା ଓଲିଉଡ୍‌ର ରୋମାଣ୍ଟିକ ନାୟକ ଦୀପକ ଏଥିରେ ନୂଆ ରୂପରେ ପରଦା ଉପରକୁ ଆସିବେ। ଫିଲ୍ମଟିର କାହାଣୀରେ ଆକ୍ସନ, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡି ଭରି ରହିଛି। ଚନ୍ଦନ ଫିଲ୍ମସ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଏହାର ପୋଷ୍ଟର ସହ ଫାଷ୍ଟ ଲୁକ୍ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନ, ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା, ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। ପ୍ରଯୋଜକ ଡ. ପ୍ରକାଶ ଶ୍ରୀଚନ୍ଦନ କୁହନ୍ତି, 'ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ। 'ହିଟଲର' ଫିଲ୍ମଟି ମଧ୍ୟ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା କରୁଛୁ ।' ଉକ୍ତ ସିନେମାର ମିଡିଆ ପ୍ଲାନର ଅଛନ୍ତି ପ୍ରଣୟ ଜେଠୀ। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଦୀପକ

# ଦୀପିକାଙ୍କ ଦିନ ଗଣା

ଦୀପିକା ପାଦୁକୋନ୍ ଏବେ ଦିନ ଗଣିବାରେ ବ୍ୟସ୍ତ। ପୁଣି ତାହା ଯେତିକି ପାଖେଇ ଆସୁଛି ତାଙ୍କର ଉତ୍କଣ୍ଠା ସେତିକି ବଢ଼ି ବଢ଼ି ଚାଲିଛି। ଏତେ କଥା ଜାଣିବା ପରେ ଏହି ଅଭିନେତ୍ରୀ କ'ଣ ପାଇଁ ଦିନ ଗଣୁଛନ୍ତି ତାହା ଜାଣିବାକୁ ନିଶ୍ଚୟ ଆପଣମାନଙ୍କ ମନରେ କୌତୁହଳ ସୃଷ୍ଟି ହେବଣି। ତେଣୁ ବିଳମ୍ବ ନ କରି ତାହାର କାରଣ ଜଣାଇଦେବା ଠିକ୍ ହେବ। କଥା କ'ଣ କି ଦୀପିକା ବେଶ୍ ଆଗ୍ରହର ସହ ମେ' ମାସକୁ ଅପେକ୍ଷା କରିଛନ୍ତି। ତେବେ ଏହି ମାସରେ ଏମିତି କ'ଣ ଘଟିବାକୁ ଯାଉଛି ଯେ ଯାହାକୁ ସେ ଅପେକ୍ଷା କରି ରହିଛନ୍ତି ? ଅସଲ କଥା ହେଲା ଚଳିତ ବର୍ଷ ମେ' ୯ରେ ବହୁ ପ୍ରତୀକ୍ଷିତ ହିନ୍ଦୀ ଫିଲ୍ମ 'କଲ୍‌କି ୨୮୯୮ ଏଡି' ମୁକ୍ତିଲାଭ କରିବାକୁ ଯାଉଛି। ଏହି ଷ୍ଟାର-ଷ୍ଟଡେଡ୍ ଫିଲ୍ମର ସେ ନାୟିକା ସାଜିଛନ୍ତି। ଅନ୍ୟପକ୍ଷରେ ଫିଲ୍ମଟିର ସଫଳତାକୁ ନେଇ ଦୃଢ଼ ଆଶା ମଧ୍ୟ ବାନ୍ଧିଛନ୍ତି। ଏହି ଚଳଚ୍ଚିତ୍ରରେ ଦୀପିକାଙ୍କ ବ୍ୟତିତ ଦକ୍ଷିଣ ଭାରତୀୟ ସିନେମା ଜଗତର ମେଗା ଷ୍ଟାର ପ୍ରଭାସ, ଅମିତାଭ ବଚ୍ଚନ, କମଲ ହାସନ, ଦିଶା ପଟାନିଙ୍କ ପରି କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଉକ୍ତ ବିଗ୍ ବଜେଟ୍ ଫିଲ୍ମଟିକୁ ନିର୍ଦ୍ଦେଶନା ଦେଇଛନ୍ତି ନାଗ୍ ଅଶ୍ୱିନ। ତେବେ ଫିଲ୍ମଟି ବକ୍ସ ଅଫିସରେ କେତେ ସଫଳ ହେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।


ଦୀପିକା

# ଫୁରସତ୍ ମିଳିଲେ...

ଆଲିଆ ଭଟ୍ଟଙ୍କୁ ଫୁରସତ ମିଳିଲେ ସେ କ'ଣ କରନ୍ତି ? ହୁଏତ ବୁଲାବୁଲି କିମ୍ବା ଶପିଂ କରୁଥିବେ, ନ ହେଲେ ପରିବାର ସହ ସମୟ କଟାଉଥିବେ। ଏବେ ତ ସେ ଘର ସଂସାର କରିବା ସହ ସନ୍ତାନର ଜନନୀ ହୋଇସାରିଲେଣି। ଭାବୁଥିବେ ସେ ଘରକାମରେ ନିଶ୍ଚୟ ବ୍ୟସ୍ତ ରହୁଥିବେ। କିନ୍ତୁ ତାଙ୍କୁ ଫୁରୁସତ ମିଳିଲେ ସେ ଗୋଟିଏ କାମରେ ନିଜକୁ ନିୟୋଜିତ ରଖିବାକୁ ଚେଷ୍ଟା କରନ୍ତି। ତାହା କ'ଣ ଜାଣନ୍ତି ? ସମୟ ମିଳିଲେ ସେ ପଢ଼ାପଢ଼ିରେ ବ୍ୟସ୍ତ ରହନ୍ତି। ସେଥିପାଇଁ ଘରେ ସେ ଏକ ମିନି ଲାଇବ୍ରେରି ରଖିଛନ୍ତି। ସେଥିରେ ସେ ତାଙ୍କର ମନ ପସନ୍ଦର ବହିଗୁଡିକ ରହିଛି। ସମୟ ମିଳିବା ମାତ୍ରେ ଆଲିଆ ସେହି ଲାଇବ୍ରେରିରେ ବସି କିଛି ସମୟ ପଢ଼ାପଢ଼ି କରନ୍ତି। ବିଶେଷଭାବରେ ବିଦେଶୀ ଲେଖକଙ୍କର ବହି ପଢ଼ିବାକୁ ସେ ପସନ୍ଦ କରିଥାଆନ୍ତି।

ଏହାବ୍ୟତୀତ ପ୍ରାଣୀ ସୁରକ୍ଷା ପାଇଁ ବି ସେ କାମ କରୁଛନ୍ତି। କେବଳ ସେତିକି ନୁହେଁ, ଫ୍ୟାଶନ ଡିଜାଇନିଙ୍ଗ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି। ଆଉ ଏକ କଥା। ସେ ସୋସିଆଲ ମିଡିଆ ସହ ପ୍ରାୟ ଜଡିତ ଥାଆନ୍ତି। ଏ ବିଷୟରେ ଆଲିଆ କହନ୍ତି, 'ଅବସର ସମୟକୁ ମୁଁ ଅଯଥାରେ ନଷ୍ଟ ହେବାକୁ ଦିଏନା। ଫୁରୁସତ ମିଳିବା ମାତ୍ରେ ମୁଁ ଟିକେ ପଢ଼ାପଢ଼ି କରେ। ତା'ସହ ଫ୍ୟାଶନ ଡିଜାଇନିଙ୍ଗ, ସୋସିଆଲ ମିଡିଆ ସହ ଜଡିତ ରହେ।' ଏବେ ଆଲିଆ ଏକ ହିନ୍ଦୀ ସିନେମାର ସହ-ପ୍ରଯୋଜନା କରିବା ସହ ତାହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ଜିଗ୍‌ରା' ।


ଆଲିଆ

ପ୍ରଥମ ରୋଜଗାର

# ବୋଉ ପାଇଁ ଶାଢ଼ି କିଣିପାରିଲିନି



ସାହିତ୍ୟିକା ଅମ୍ରିତା ସିଂହ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କେତେ ନିରାଶାର କଳାଅନ୍ଧାର ଅତିକ୍ରମ କଲେ ସୁନା ଖରାରେ ଝଲସି ଉଠେ ଅଗଣା। ସମସ୍ତେ ଖରାରେ ସେକି ହେଲାବେଳେ ମୁଁ କିନ୍ତୁ ବାରମ୍ବାର ଗତ ଅନ୍ଧାରରେ ହଜେଇ ଦେଇଥିବା ସେହି ତାରାଙ୍କ ଆଖି ତରାଟିବାକୁ ଝୁରି ହେଉଥାଏ। ହେଲେ ଫେରେନା ଅତୀତ। ଝରି ଯାଏ ସ୍ୱପ୍ନ। କେତେ କଥା କେତେ ବ୍ୟଥା ଗୁମୁରି କାନ୍ଦୁଥାଏ ହୃଦୟର ଗମ୍ଭୀରାରେ। ଆହା ଆଉ କ'ଣ ସେ ସୁଯୋଗ ମିଳିବ! ଝରିଯାଏ ଆଶାର କଢ଼ି ଦୁଇଟୋପା ଲୁହ ହୋଇ। କେତେ ଆଦର ଯତ୍ନରେ ସାତ ପୁଅର ଗେଲ୍ଲାପଣ ଦେଇ ବଢ଼େଇ ଥିଲେ ଛୁଆବାପା ମୋର! ମୁଁ ତାଙ୍କର ଝିଅ ନ ଥିଲି ହେଲେ ତାଙ୍କ ସ୍ନେହ ଶ୍ରଦ୍ଧା ଛଡ଼ା କିଛି ବି ମନେ ପଡେନା। ସେ ଥିଲେ ମୋର ଛୁଆବାପା। ସେ ହିଁ ପରିଚିତ କରାଇ ଥିଲେ ଝର୍କା ଖୋଲି ବାହାରର ଆଲୋକ ସହିତ, କେତେ ବର୍ଣ୍ଣିଳ ଏ ପୃଥିବୀ। କେମିତି ଭରିବାକୁ ହୁଏ ଉଡାଣ, କେମିତି ଖଞ୍ଜିବାକୁ ହେବ ଡେଣା, କେମିତି ମାପି ହୁଏନା ଆକାଶର ଉଚ୍ଚତା। ମୁଁ କଥା ଦେଇଥିଲି ମୁଁ ସାହାରା ହେବି ହେଲେ ନିଷ୍ଠୁର ସମୟ ସବୁକିଛି ଛଡ଼ାଇ ନେଲା। ମୋ କଥା କଥାରେ ରହିଗଲା। ଅଧା ବାଟରେ ଅଫେରା ପଥର ପଥିକ ସାଜିଲେ ସେ। ମୁଁ ଆଗକୁ ବଢିଲି, ଶିକ୍ଷକତା କଲି କିନ୍ତୁ ହାଏ ନାହାନ୍ତି ଛୁଆବାପା। ଭାବିଥିଲି ପ୍ରଥମ ମାସର ଦରମା ତାଙ୍କ ହାତକୁ ଟେକିଦେବି। ପ୍ରଥମ ମାସର ଦରମା ପାଇଲା ପରେ ପ୍ରଥମେ ଠାକୁରଙ୍କୁ ଅର୍ପଣ କରିଥିଲି। ମୋ ବାପାଙ୍କୁ କିଛି ଦେଇଥିଲି। ମୋ ପୁଅଝିଅଙ୍କ ପାଇଁ କିଛି ବହି କିଣିଥିଲି। ଭାବିଥିଲି ମୋର ସହଯାତ୍ରୀ ମୋ ପଥ ପ୍ରଦର୍ଶକ, ମୋ ସ୍ୱାମୀଙ୍କ ପାଇଁ କ'ଣ ଗୋଟେ କିଣିବି ବୋଲି। ହେଲେ କ'ଣ କିଣିବ କିଣିବି ହୋଇ କିଣି ପାରି ନ ଥିଲି ଯେହେତୁ ସେ ଦିଲ୍ଲୀରେ ରହୁଥିଲେ। ଇଚ୍ଛା ଥିଲା ବୋଉ ପାଇଁ ସମ୍ବଲପୁରୀ ଶାଢ଼ିଟିଏ ମୋର ପ୍ରଥମ ମାସର ଦରମାରେ କିଣି ଦେବି। ଖୁବ୍ ପରିଶ୍ରମ କରିଛି ମୋତେ ପାଠ ପଢ଼ାଇବାରେ। ଏପଟେ ତା'ର ଇଚ୍ଛା, ହସ ଖୁସିକୁ ଜଳଉଥାଏ ଅଳିଆ ଜାଳ କରି, ଆର ପଟେ ମୋ ଆଡେ ନଜର ନହକଉ ଥାଏ ତା'ର ନହକିଆ ଆଶା ପରି ବେତକୁ। ଘୋଷଉଥାଏ ଜୀବନର ପଣିକିଆ ଖୁସିର ମିଶାଣ ଆଉ ଦୁଃଖର ଫେଡାଣ। ହେଲେ ମୁଁ କେବେ ଫେଡି ପାରିଲିନି ତା'ର ଦୁଃଖ କି ମିଶାଇ ପାରିଲି ନାହିଁ କିଛି ହସ ତା' ଆଖିର ଲୁହରେ। ଭାବିଥିଲି ପ୍ରଥମ ଦରମା ପାଇଲେ ବୋଉକୁ ଖୁସି କରେଇଦେବି। ଯେଉଁ ଦିନ ପ୍ରଥମ ଦରମା ପାଇଲି ସେଦିନ ସକାଳୁ ବାପା ବୋଉ ପଠାଇଥିବା ଶାଢ଼ି ନେଇ ଆସିଥିଲେ। ମାମୁଙ୍କ ବାହାଘର ଉତ୍ସବରୁ ଆଣିଥିଲା। ନ ପିନ୍ଧି ସାଇତିଥିଲା। ଏବେ ବି ପଠାଇଛି କାହିଁକି ନା ମୁଁ ନୂଆନୂଆ ସ୍କୁଲ ଯାଉଛି ନିହାତି ଅଧିକ ଖଣ୍ଡେ ଦି ଖଣ୍ଡ ଶାଢ଼ି ଆବଶ୍ୟକ ପଡିବ ବୋଲି। ମୁଁ କିନ୍ତୁ ମୋ ପ୍ରଥମ ଦରମାରେ କିଣି ଦେଇ ପାରିଲିନି ମୋ ବୋଉ ପାଇଁ ଶାଢ଼ିଟେ। ପ୍ରଥମ ମାସର ଦରମାକୁ ନେଇ ଯେଉଁ ସ୍ୱପ୍ନ ତାହା ଏବେ ଧୂଳି ଧୂସରିତ। ଝାଡ଼ିଝୁଡ଼ି ଝଲସି ଉଠୁଛି ଅତୀତ। ଇଚ୍ଛା ଅସୁମାରି ହେଲେ ଭସାଇ ନେଇଛି ସମୟ ଭଉଁରି। ପରବର୍ତ୍ତୀ ସମୟରେ ଚାକିରି ସହ ଗପ, କବିତା ଲେଖାରେ ଅଧିକ ମନୋନିବେଶ କରିଛି। ମୋର ଦଶାବତାର ନାମରେ ଏକ ଗଳ୍ପ ସଂକଳନ ଓ ଘାସଫୁଲ, ନିଷଦ୍ଧ ଋତୁ, ଦେହ ଦିହୁଡ଼ି, କୃଷ୍ଣର ନଦୀ ତୀରେ ନାମରେ କବିତା ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି। ଏବେ ଏହି ଲେଖାଲେଖିରୁ ହିଁ ଖୁସି ସାଉଁଟିବାକୁ ଚେଷ୍ଟା କରୁଛି।

# ସୁନ୍ଦରୀ ରାଧିକା ଭାରି ଚତୁରୀ, ନିମିଷକେ କଲା ମନକୁ ଚୋରି

ସାଥୀ



**ପ୍ରଶ୍ନ**—ସେହି ସୁନ୍ଦରୀର ପ୍ରଥମ ଇସାରାରେ ମୋ ମନ ଚୋରି ହୋଇଯାଇଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ମନେଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

*–ବିନୟ କୁମାର ବଳ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** 'ସୁନ୍ଦରୀ ରାଧିକା ଭାରି ଚତୁରୀ, ନିମିଷକେ କଲା ମନକୁ ଚୋରି।' ପ୍ରେମର ଅନ୍ୟତମ ଗହଣା ହେଉଛି ଅଭିମାନ। ତାହାକୁ ଭଲ ଭାବରେ ପଢ଼ି ପାରିଲେ ସେଥିରେ ପ୍ରେମର ଅନେକ ଗୁଢ଼ କଥା ଲୁଚି ରହିଥାଏ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ ହୁଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ**—ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା। ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ।

*–ଅଜୟ ନାୟକ, ଢେଙ୍କାନାଳ*

**ଉତ୍ତର:** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସ୍‌ଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ। ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**—ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ତନ୍ମୟ, ଖୋର୍ଦ୍ଧା*

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି–ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ତେଣିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ।

**ପ୍ରଶ୍ନ**—ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*–ସୁଦୀପ ରାଉତ, କେନ୍ଦ୍ରାପଡା*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ତାକୁ ଭୁଲିବା ଏତେ ସହଜ ନୁହେଁ। ହେଲେ ଉଲ୍ଲେଖ କରିଛନ୍ତି ଯେ, ଏବେ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛନ୍ତି। ଏବେ ଯଦି ନିଜ ପ୍ରଥମ ପ୍ରେମ ବିଷୟରେ ଭାବିବେ ତେବେ ବର୍ତ୍ତମାନର ପ୍ରେମ ସେହି ଅନୁସାରେ ପାଣିଚିଆ ଲାଗିବ। ଯୋ ଗୟା ଉସକୋ ସୋଚ୍‌ନେ ସେ କୋଇ ଫାଇଦା ନେହିଁ। ତେଣୁ ଏବେ କେବଳ ନୂଆ ପ୍ରେମିକା ବିଷୟରେ ଚିନ୍ତା କରନ୍ତୁ।









**ଫୁଲର ସୌନ୍ଦର୍ଯ୍ୟ କାହାକୁ ବା ଆକର୍ଷିତ ନ କରେ। କିନ୍ତୁ ଜାଣନ୍ତି କି ଏମିତି ବି କିଛି ଫୁଲ ରହିଛି; ଯାହାର ଗଠନଶୈଳୀ କେତେକ ପଶୁପକ୍ଷୀଙ୍କ ରୂପ ସହ ସାମଞ୍ଜସ୍ୟ ରହୁଥିବା ଯୋଗୁ ଏହା ଭିନ୍ନ ଦେଖାଯିବା ସହ ନାଁ ବି ସେମାନଙ୍କ ଅନୁସାରେ ହୋଇଛି...**

# ପଶୁପକ୍ଷୀଙ୍କ ନାଁକୁ ନେଇ ଫୁଲ

✲ **ଫ୍ଲାଇଂ ଡକ୍ ଅର୍କିଡ୍:** ଏହି ଅର୍କିଡ୍ ଫୁଲର ଗଠନଶୈଳୀକୁ ଦେଖିଲେ ଲାଗିବ ସତେ ଯେମିତି ଏକ ଛୋଟ ବତକ ଛୁଆଟିଏ ଉଡିବାକୁ ଚେଷ୍ଟା କରୁଛି ; ସେଥିପାଇଁ ତ ଏହାର ଏପରି ନାମକରଣ କରାଯାଇଛି। ମୁଖ୍ୟତଃ ସେପ୍ଟେମ୍ବରରୁ ଫେବୃଆରୀ ଭିତରେ ଏହି ଫୁଲ ପୂର୍ବ ତଥା ଦକ୍ଷିଣ ଅଷ୍ଟ୍ରେଲିଆର କେତେକ ସ୍ଥାନରେ ଫୁଟୁଥିବା ଦେଖିବାକୁ ମିଳେ।



✲ **ପ୍ୟାରୋଟ୍ ଫ୍ଲାୱାର୍:** ଶୁଆ ଆକାରର ଦେଖାଯାଉଥିବା ଏହି ଫୁଲଟି ବାଲସମ୍ ପ୍ରଜାତିର। ସେଥିପାଇଁ ଏହାକୁ କେହି କେହି ପ୍ୟାରୋଟ୍ ବାଲସମ୍ ବି କହିଥାନ୍ତି। ହାଲୁକା ନାଲି, ବାଇଗଣି ଓ ଧଳା ରଙ୍ଗର ମିଶ୍ରଣକୁ ନେଇ ଫୁଟୁଥିବା ଏହି ଫୁଲ ମୁଖ୍ୟତଃ ଥାଇଲାଣ୍ଡ, ମ୍ୟାନମାର୍ ତଥା ଦକ୍ଷିଣ-ପୂର୍ବ ଏସିଆର କେତେକ ସ୍ଥାନରେ ଦେଖିବାକୁ ମିଳିଥାଏ।

✲ **ବ୍ଲାକ୍ ବ୍ୟାଟ୍ ଫ୍ଲାୱାର୍:** ଏହି ଫୁଲର ଗଠନଶୈଳୀ ଓ ରୂପରଙ୍ଗକୁ ଦେଖିଲେ ଏହା ଏକ ବାଦୁଡ଼ି ସଦୃଶ ଦେଖାଯାଏ। ଗାଢ ବାଇଗଣି ରଙ୍ଗର ଏହି ଫୁଲକୁ ସେଥିପାଇଁ ବ୍ଲାକ୍ ବ୍ୟାଟ୍ ଫ୍ଲାୱାର୍ ବୋଲି କୁହାଯାଇଥାଏ। ଏହି ଫୁଲ ମୁଖ୍ୟତଃ ଦକ୍ଷିଣ-ପୂର୍ବ ଏସିଆର କେତେକ ସ୍ଥାନରେ ଦେଖାଯାଇଥାଏ।

✲ **ବ୍ୟାଟ୍ ଫେସ୍ କପ୍‌ହିଆ:** ନାଲି ଓ ବାଇଗଣୀ ରଙ୍ଗର ମିଶ୍ରଣକୁ ନେଇ ଫୁଟୁଥିବା ଏହି ଫୁଲକୁ ବି ନିରିଖେଇ ଦେଖିଲେ ଲାଗିବ ସତେ ଯେମିତି ଏକ ବାଦୁଡି ଆପଣଙ୍କ ଆଡ଼କୁ ଚାହିଁଛି। ଖାସ୍ ଏହି ଅଜବ ଗଠନଶୈଳୀ ପାଇଁ ହିଁ ଏହାର ଏମିତି ନାଁ ରଖାଯାଇଛି। ଏହି ଫୁଲ ଆମେରିକାର କେତେକ ସ୍ଥାନରେ ଅଧିକ ପରିମାଣରେ ଦେଖିବାକୁ ମିଳେ।

✲ **ବାର୍ଡ ଅଫ୍ ପାରାଡାଇଜ୍:** ଏହି ଗଛ ଭଲ ବଢି ଫୁଲ ଫୁଟିବା ପାଇଁ ଟିକେ ଗରମ ଜଳବାୟୁ ଏବଂ ଆଲୋକର ଆବଶ୍ୟକତା କରିଥାଏ। ଇଣ୍ଡୋର ପ୍ଲାଣ୍ଟ ଭାବେ ଏହାକୁ ଘରେ ମଧ୍ୟ ରଖିହେବ ; କିନ୍ତୁ ପ୍ରତିଦିନ କିଛି ସମୟ ପାଇଁ ଏହାକୁ ସୂର୍ଯ୍ୟକିରଣ ସଂସ୍ପର୍ଶରେ ରଖିବାକୁ ପଡିବ। ଏହି ଗଛର ଆଉ ଏକ ଖାସ୍ କଥା ହେଉଛି, ଯେତେବେଳେ ଏହି ଗଛରେ ଫୁଲ ଫୁଟେ, ତାହା ଏକ ପକ୍ଷୀ ଭଳି ପ୍ରତୀୟମାନ ହୋଇଥାଏ ; ଯାହାକି ଖୁବ୍ ସୁନ୍ଦର ଦେଖାଯାଇଥାଏ।

✲ **ଟାଇଗର୍ ଫ୍ଲାୱାର୍:** ତିନି ପାଖୁଡ଼ା ବିଶିଷ୍ଟ ନାରଙ୍ଗୀ ରଙ୍ଗର ଏହି ଫୁଲର କେବଳ ମଝି ଭାଗରେ ହିଁ ଛିଟ ଛିଟ ଦାଗ ରହିଥାଏ। ଆଉ ସେହି ମଝି ଭାଗକୁ ଲାଗି ଆଉ ତିନୋଟି ଛୋଟ ଛୋଟ ପାଖୁଡ଼ା ମଧ୍ୟ ବାହାରିଥାଏ ; ଯାହାର ଦେହସାରା ଛିଟ ଦାଗ ଥାଏ। ସେଥିପାଇଁ ଏହାକୁ ଟାଇଗର୍ ଫ୍ଲାୱାର୍ ବୋଲି କୁହାଯାଇଥାଏ। ଏହି ଫୁଲ ବିଭିନ୍ନ ରଙ୍ଗରେ ଫୁଟିଥାଏ।

✲ **ଟାଇଗର୍ ଲିଲି:** ଏହି ଫୁଲ ବି ନାରଙ୍ଗୀ ରଙ୍ଗର। କିନ୍ତୁ ଏହାର ପାଖୁଡ଼ା ସଂଖ୍ୟା ପ୍ରାୟ ୫/୬ରୁ ଅଧିକ। ଆଉ ସବୁ ପାଖୁଡ଼ା ତେଙ୍ଗ ଆଡ଼କୁ ଟିକେ ମୋଡ଼ି ହୋଇ ରହିଥାନ୍ତି। ତା'ସହିତ ପ୍ରତି ପାଖୁଡ଼ାରେ କଳା କଳା ଛିଟ ଦାଗ ଭର୍ତ୍ତି ହୋଇ ରହିଥାଏ। ଟାଇଗର୍ ଫ୍ଲାୱାର୍ ତୁଳନାରେ ଏହି ଫୁଲର ଗଠନଶୈଳୀ ଟିକେ ଭିନ୍ନ ଥିବାରୁ ଏହାକୁ ଟାଇଗର୍ ଲିଲି ବୋଲି କୁହାଯାଇଥାଏ। ଏହି ଫୁଲ ମୁଖ୍ୟତଃ ଏସିଆର କେତେକ ସ୍ଥାନରେ ଫୁଟିଥାଏ। ଏହି ଫୁଲ ବି ବିଭିନ୍ନ ରଙ୍ଗରେ ଫୁଟେ।

✲ **ପ୍ୟାରୋଟ୍ସ ବିକ୍ ଫ୍ଲାୱାର୍:** ଶୁଆର ଥଣ୍ଟ ଭଳି ଦେଖାଯାଏ ଏହି ଫୁଲର ଗଠନଶୈଳୀ ; ସେଥିପାଇଁ ଏହାର ନାଁ ଏମିତି ରଖାଯାଇଛି। ଏହି ଫୁଲ ଦକ୍ଷିଣ ଆମେରିକାରେ ବିଶେଷଭାବେ ଦେଖିବାକୁ ମିଳେ।




ସସ୍ମିତା

## ହାଃ ହାଃ

### ହସ୍ପିଟାଲ

ଶିକ୍ଷକ: ପିଲେ କହିଲ ଦେଖି
ହସ୍ପିଟାଲ କ'ଣ ?
ଗୋପୀ: ସାର୍ ମୁଁ କହିବି।
ଶିକ୍ଷକ: କହ।
ଗୋପୀ: ପୃଥିବୀରୁ ସ୍ୱର୍ଗକୁ ଯିବା
ସମୟରେ ବାଟରେ ଯେଉଁ ଟୋଲଗେଟ୍
ପଡ଼େ ସେଇଟା ହେଉଛି ହସ୍ପିଟାଲ।

### ଟମାଟର

ଭିକାରୀ ଜଣଙ୍କ ଘର ସାମ୍ନାରେ: ମା'
କିଛି ଖାଇବାକୁ ଦିଅନ୍ତୁ।
ଘରୁ ଝିଅଟିଏ ବାହାରି: ଟମାଟର ଖାଓ।
ଭିକାରୀ: ଟମାଟର କ'ଣ ଖାଇବି, ରୁଟି
ଅଛି ଯଦି ଦିଅ।
ଝିଅ: ଆରେ ଟମାଟର ଖାଓ।
ଭିକାରୀ: ହଉ ଠିକ୍ ଅଛି। ଟମାଟର
ଦିଅ।
ଘର ଭିତରୁ ଝିଅର ମା' : ତମେ ଯାଅ
ବାବା। ମୋ ଝିଅ ଖନି। ସେ କହୁଛି
'କମାକର୍ ଖାଓ'।

### ପାଗଳ

ଝଗଡ଼ା ହେବା ପରେ ଗର୍ଲଫ୍ରେଣ୍ଡ
ବୟଫ୍ରେଣ୍ଡକୁ: ମୋ ମୁଣ୍ଡ ଖରାପ
ହେଇଯାଇଥିଲା ଯେ, ତମକୁ ଭଲ ପାଇଲି।
ଜାଣିଛ ମୋର ଗୋଟେ ଗୋଟେ ନିଶ୍ୱାସରେ
ପୁଅମାନେ ପାଗଳ ହେଇଯାଉଥିଲେ।
ବୟଫ୍ରେଣ୍ଡ: ହେବେନି କେମିତି ? ପାଟି ଏତେ
ଗନ୍ଧଉଛି। ଭଲ ଟୁଥପେଷ୍ଟରେ ଦାନ୍ତ ଘସିଥିଲେ
ଏମିତି ହେଇ ନ ଥାନ୍ତା।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ,
ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ଫଟୋ ସୌଜନ୍ୟ- **କୁମାର ଶରତ, ଧରିତ୍ରୀ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





# ହୋଲି କେଉଁଠି କେମିତି

**ହୋଲିରେ ରଙ୍ଗ ଖେଳିବାର ମଜା ହିଁ କିଛି ନିଆରା। ହେଲେ ଦେଶରେ ଏମିତି ବି କିଛି ସ୍ଥାନ ରହିଛି; ଯେଉଁଠି ହୋଲି ଖେଳ ସହିତ ଏହି ପର୍ବକୁ ଟିକେ ଭିନ୍ନ ଶୈଳୀରେ ପାଳନ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ସେହି ସବୁ ସ୍ଥାନକୁ ବୁଲିଯାଇ ହୋଲିରେ କିଛି ନିଆରା ଅନୁଭୂତି ସାଉଁଟିପାରିବେ...**









✲ **ଉତ୍ତରପ୍ରଦେଶର ହୋଲି:** ହୋଲି ଅବସରରେ ଏଠାକାର ମଥୁରା, ବୃନ୍ଦାବନରେ ଫଗୁ ଖେଳ ସାଙ୍ଗକୁ ରାଧାକୃଷ୍ଣଙ୍କ ନାମ ଉଚ୍ଚାରଣ ଏବଂ ନଗର ପରିକ୍ରମା କରିବାର ବିଧି ବେଶ୍ ମନଛୁଆଁ ହୋଇଥାଏ। ତା'ସହିତ ପାରମ୍ପରିକ ହୋଲି ଗୀତ ଗାଇ, ଲୋକନୃତ୍ୟ କରି ତଥା ରାଧାକୃଷ୍ଣଙ୍କ ରାସଲୀଳାକୁ ନୃତ୍ୟନାଟିକା ମାଧ୍ୟମରେ ପରିବେଷଣ କରିବାକୁ ବି ସ୍ଥାନୀୟ ଲୋକେ ଖୁବ୍ ପସନ୍ଦ କରିଥାନ୍ତି। ସେହିପରି ଏଠାକାର ବରସାନା (ରାଧାରାଣୀଙ୍କ ଜନ୍ମସ୍ଥାନ)ନାମକ ସ୍ଥାନରେ ହୋଲି ଅବସରରେ ଲଠ୍‌ମାର୍ ହୋଲି ଖେଳିବାର ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ଯେଉଁଥିରେ ପ୍ରତିବର୍ଷ ହୋଲି ଅବସରରେ ସ୍ଥାନୀୟ ନନ୍ଦଗାଁଓଁରୁ କିଛି ଗୋପ ଯୁବକ ବରସାନା ଗାଁର ଗୋପୀମାନଙ୍କୁ ରଙ୍ଗ ଲଗାଇବା ପାଇଁ ଆସିଥାନ୍ତି। କିନ୍ତୁ ଗୋପୀମାନେ ହାତରେ ବାଡି ଧରି ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥାନ୍ତି। ଆଉ ଯୁବକମାନେ ଢାଲ ଧରି ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି, ଯାହା ଦେଖିବା ପାଇଁ ଖୁବ୍ କୌତୁକିଆ ଲାଗିଥାଏ। ଏହି ଖେଳକୁ ସ୍ଥାନୀୟ ଲୋକେ ଲଠ୍‌ମାର୍ ହୋଲି କହିଥାନ୍ତି। ଏଥିରେ କୌଣସି ପ୍ରକାରର ରାଗ, ହିଂସା ନ ଥାଏ ବରଂ ଏହା ସେଠାକାର ଏକ ପରମ୍ପରା ଭାବେ ପ୍ରତିବର୍ଷ ପାଳିତ ହୋଇଆସୁଛି।

✲ **ଦିଲ୍ଲୀ ହୋଲି:** ଦିଲ୍ଲୀରେ ପାଳିତ ହେଉଥିବା ହୋଲି ଉତ୍ସବ ସତରେ ବେଶ୍ ଦେଖିବାଯୋଗ୍ୟ ହୋଇଥାଏ। ଏଠାରେ ହୋଲି ସେଲିବ୍ରେଶନ ଅବସରରେ ଲୋକମାନେ ଖୁବ୍ ନାଚଗୀତ କରିଥାନ୍ତି। ତା'ସହିତ ନାନାଦି ରକମର ମିଠା ଓ ସୁସ୍ୱାଦୁ ବ୍ୟଞ୍ଜନର ମଧ୍ୟ ଆନନ୍ଦ ନେଇଥାନ୍ତି। ଦିଲ୍ଲୀର ସ୍ଥାନେ ସ୍ଥାନେ ହୋଲି ପାର୍ଟିର ମଧ୍ୟ ଆୟୋଜନ କରାଯାଇଥାଏ ; ଯାହାକି ଆଗନ୍ତୁକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

✲ **ଉଦୟପୁର ହୋଲି:** ରାଜସ୍ଥାନର ଉଦୟପୁରରେ ବି ବେଶ୍ ରାଜକୀୟ ଢଙ୍ଗରେ ହୋଲି ସେଲିବ୍ରେଶନ କରାଯାଇଥାଏ ; ଯାହାକି ଖୁବ୍ ଆକର୍ଷଣୀୟ ହୋଇଥାଏ। ହୋଲି ଅବସରରେ ଏଠାରେ ହୋଲିକା ଦହନ ପାଳନ କରିବାର ଏକ ବିଧି ରହିଛି। ତା'ସହିତ ଏଠି ରାଜକୀୟ ବ୍ୟାଣ୍ଡବାଜାର ତାଳେତାଳେ ଭବ୍ୟ ଅଶ୍ୱ ପରେଡ୍‌ର ଆକର୍ଷଣ ବି ହୋଲି ଅବସରରେ ବହୁତ ଖାସ୍ ଲାଗିଥାଏ ଦେଖିବାକୁ।

✲ **ଆନ୍ଧ୍ରପ୍ରଦେଶର ହୋଲି:** ପାରମ୍ପରିକ ଗୀତ ସାଙ୍ଗକୁ ନୃତ୍ୟ ଏବଂ ତା'ସହିତ ପରସ୍ପରକୁ ରଙ୍ଗ ବୋଳି ଏଠାକାର ଲୋକେ ବେଶ୍ ଆନନ୍ଦ ଉଲ୍ଲାସରେ ହୋଲି ଉତ୍ସବକୁ ପାଳନ କରିଥାନ୍ତି। କେବଳ ସେତିକି ନୁହେଁ, ହୋଲି ଅବସରରେ ଭଗବାନ କୃଷ୍ଣଙ୍କ ଉପରେ ଆଧାରିତ ବିଭିନ୍ନ ପ୍ରକାର ଭକ୍ତି ଗୀତକୁ ଗାଇବାର ନିଆରା ପରମ୍ପରା ବି ଏଠାକାର ଖୁବ୍ ଆକର୍ଷକ ଲାଗିଥାଏ।

✲ **ପଶ୍ଚିମବଙ୍ଗର ହୋଲି:** ଏଠାରେ ସାଂସ୍କୃତିକ ହୋଲିର ଛଟା ଦେଖିବାକୁ ମିଳେ। ବିଶେଷକରି ଏଠାକାର ଶାନ୍ତିନିକେତନରେ ହୋଲି ପର୍ବକୁ ବସନ୍ତ ଉତ୍ସବ ଭାବେ ପାଳନ କରାଯାଇଥାଏ। ସେହିପରି ଏଠାକାର ପୁରୁଲିଆ ନାମକ ସ୍ଥାନରେ ହୋଲି ଅବସରରେ ସ୍ଥାନୀୟ ବାସିନ୍ଦା ରଙ୍ଗବେରଙ୍ଗର ଅବିର ସାଥେ ହୋଲି ଖେଳିବା ସହିତ ବିଭିନ୍ନ ପ୍ରକାର ଲୋକକଳା ପରିବେଷଣ କରିବାକୁ ବେଶ୍ ଉତ୍ସାହିତ ଥା'ନ୍ତି। ରଙ୍ଗ ଖେଳିବା ସହିତ ପାରମ୍ପରିକ ଲୋକକଳାକୁ ନିକଟରୁ ଦେଖିବା ଓ ଜାଣିବାର ସୁଯୋଗ ଥିବାରୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ପୁରୁଲିଆ ଆସିବାକୁ ଇଚ୍ଛା କରିଥା'ନ୍ତି।

✲ **ମହାରାଷ୍ଟ୍ରର ହୋଲି:** ଏଠାରେ ବି ହୋଲି ପାଳନର ଏକ ନିଆରା ଝଲକ ଦେଖିବାକୁ ମିଳିଥାଏ। ଏଠାକାର ଲୋକେ ନାଚ, ଗୀତର ତାଳେତାଳେ ହୋଲି ଖେଳିବା ସାଙ୍ଗକୁ ବିଭିନ୍ନ ପ୍ରକାରର ପାରମ୍ପରିକ ମିଠା ତଥା ସୁସ୍ୱାଦୁ ବ୍ୟଞ୍ଜନ ଖାଇବାକୁ ଭଲ ପାଇଥାନ୍ତି। କେବଳ ସେତିକି ନୁହେଁ, ଏଠାକାର କିଛି ସ୍ଥାନରେ ଢୋଲ ବଜାଇ ପାରମ୍ପରିକ ନାଚ, ଗୀତ ପରିବେଷଣ କରି ମଧ୍ୟ ହୋଲି ପାଳନ କରିବାର ବିଧି ଦେଖିବାକୁ ମିଳିଥାଏ।



# ବୋତଲ ଭିତରେ ଅଠା ଲାଖେ ନାହିଁ କାହିଁକି



ମନରେ କେବେ ପ୍ରଶ୍ନ ଉଠିଛି କି କାଗଜ, କାଠ, ରବର ସବୁକିଛିକୁ ଯୋଡି ପାରୁଥିବା ଅଠା ନିଜ ବୋତଲ ଭିତରେ କାହିଁକି ଲାଖିକି ରହେନା? ଏଥର ଜାଣନ୍ତୁ ସେ ସମ୍ପର୍କରେ...

ବିଜ୍ଞାପନରେ ଅନେକ ଅଠା କମ୍ପାନୀ ଦାବି କରନ୍ତି ଯେ, ତାଙ୍କର ସାମାନ୍ୟ ଟିକେ ଅଠା ଯେକୌଣସି ଜିନିଷକୁ ଯୋଡିପାରେ। ଆଉ ଏମିତି ଯୋଡିବ ଯେ ଯୋଡା ଯାଇଥିବା ସ୍ଥାନକୁ କେହି ଅଲଗା କରିପାରିବେନି। ଆଉ କିଛି ଅଠାକୁ ତ ଲଗାଇବାବେଳେ ମଧ୍ୟ ସାବଧାନତା ଅବଲମ୍ବନ କରିବାକୁ ପଡେ। କାରଣ ଆଙ୍ଗୁଠିରେ ଲାଗିଗଲେ ଆଙ୍ଗୁଠି ପରସ୍ପର ସହ ଯୋଡି ହେଇଯିବାର ଆଶଙ୍କା ଥାଏ। ତେବେ ମନରେ କେବେ ପ୍ରଶ୍ନ ଉଠିଛି କି କାଗଜ, କାଠ, ରବର ସବୁକିଛିକୁ ଯୋଡି ପାରୁଥିବା ଅଠା ନିଜ ବୋତଲ ଭିତରେ କାହିଁକି ଲାଖିକି ରହେନା ? ଏଥର ଜାଣନ୍ତୁ ସେ ସମ୍ପର୍କରେ...

ଏହାର କାରଣ ଜାଣିବା ପୂର୍ବରୁ ପ୍ରଥମେ ଜାଣିବା ଜରୁରୀ ଯେ ଅଠା ପ୍ରକୃତରେ କ'ଣ ? ଅଠା ପଲିମରରେ ତିଆରି ହୋଇଥାଏ। ପଲିମର୍ ହେଉଛି ଏକ ରାସାୟନିକ ପଦାର୍ଥ ଯାହାକି ଅଠାଳିଆ ତଥା ପ୍ରସାରିତ ହେଉଥିବା ଷ୍ଟ୍ରାଣ୍ଡକୁ ବୁଝାଏ। ଏହା ଅଠାଳିଆ ହେବା ସହ ପ୍ରସାରିତ ହେଉଥିବାରୁ ଅଠା ତିଆରି ପାଇଁ ଏହାକୁ ବ୍ୟବହାର କରାଯାଏ। ଆଉ ବିଶେଷଜ୍ଞମାନେ ଅଠା ତିଆରି କଲାବେଳେ ଏହି ଅଠାଳିଆ ଓ ପ୍ରସାରିତ ହେଉଥିବା ପଲିମର୍ ସହ କିଛି ମାତ୍ରାରେ ପାଣି ମିଶାନ୍ତି। ଯଦ୍ୱାରା ଅଠା ସେମି ଲିକ୍ୱିଡ ଅବସ୍ଥାରେ ରହେ। ଏହି ପାଣି ସଲଭେଣ୍ଟ ଭଳି ବି କାମ କରେ। ଏଇ ପାଣି ହିଁ ବୋତଲ ଭିତରେ ଅଠାକୁ ସୁଖିବାକୁ ଦିଏନା ଓ ତାକୁ ସେମି ଲିକ୍ୱିଡ ଅବସ୍ଥାରେ ରଖେ। ଫଳରେ ଅଠା ବୋତଲ ଭିତରେ ସୁଖି ଲାଖି ଯାଏନା। ତେବେ ଆମେ ଯେବେ ଅଠାକୁ ବୋତଲରୁ ବାହାର କରୁ କିଛି ସମୟ ପରେ ଏହା ସୁଖିଯାଏ ଓ ଜିନିଷକୁ ଯୋଡିଦିଏ। ଏହି ପ୍ରକ୍ରିୟାରେ ଅଠା ସୁଖି ନ ଥାଏ। ବରଂ ସେଥିରେ ମିଶିଥିବା ପାଣି ବାଷ୍ପ ହୋଇ ଉଡିଯାଏ। ଯଦ୍ୱାରା କେବଳ ଅଠାଳିଆ ପଲିମର୍ ରହିଯାଏ, ଯାହାକି ଜିନିଷକୁ ଯୋଡିଦିଏ। ସେଥିପାଇଁ ଅଠାର ଠିପି ସବୁବେଳେ ବନ୍ଦ ରଖାଯାଏ। ଯଦି ବୋତଲ ଠିପି ଖୋଲା ରଖାଯାଏ ଅଠାରେ ଥିବା ପାଣି ସୁଖିଯାଏ। ଆଉ ଅଠାରୁ ଜଳୀୟ ଭାଗ ଚାଲିଗଲେ ତାହା ସୁଖି ବୋତଲ ଭିତରେ ଲାଖିଯାଏ। ସାଧାରଣତଃ ଧଳାରଙ୍ଗର ସେମି ଲିକ୍ୱିଡ ଅଠା କ୍ଷେତ୍ରରେ ଏଭଳି ହୁଏ।

ତେବେ ଫେଭିକ୍ୱିକ ପରି ଅଠାରେ ପାଣି ବ୍ୟବହାର ହୋଇ ନ ଥାଏ କି ତାହା ପଲିମରରେ ବି ତିଆରି ହୋଇ ନ ଥାଏ। ଏଥିରେ ସାଇନୋଏକ୍ରିଲେଟ ନାମକ ରସାୟନିକ ପଦାର୍ଥ ଥାଏ। ଏହି କେମିକାଲ ଯେବେ ବାୟୁରେ ଥିବା ଜଳୀୟ ଅଂଶ ସଂସ୍ପର୍ଶରେ ଆସେ ତାହା ଜିନିଷକୁ ଯୋଡିଦିଏ। ଆଉ ଫେଭିକ୍ୱିକ୍ ଭଳି ଅଠାକୁ ପାଣିଠାରୁ ଦୂରରେ ରଖିବାକୁ ପଡ଼େ। ଏମିତିରେ ଏହାକୁ ତିଆରି କରୁଥିବା କମ୍ପାନୀ ଏଭଳି ବୋତଲ ବ୍ୟବହାର କରେ ଯେଉଁଥିରେ ପାଣିର ଗୋଟେ କଣିକା ବି ପହଞ୍ଚି ପାରୁ ନ ଥିବ। ଫେଭିକ୍ୱିକ୍‌ର ଠିପି ଖୋଲା ରଖିଦେଲେ ବି ତାହା ସୁଖିଯାଏ ଓ ଭିତରେ ଲାଖିଯାଏ।





# କୁଙ୍ଗ ଫୁ ଗାଁ





କୁଙ୍ଗ ଫୁ ଏକ ମାର୍ଶଲ ଆର୍ଟ, ଯାହାକୁ ଶିଖିବା ଭାରି କଷ୍ଟ। ଆଉ ସେଥିରେ ଦକ୍ଷ ହେବା ପାଇଁ ତ କଠିନ ଅଭ୍ୟାସ ଜରୁରୀ। ତେବେ ଜାଣନ୍ତି କି ଚାଇନାରେ ଏକ ଗାଁ ଅଛି ଯେଉଁଠି ସମସ୍ତେ କୁଙ୍ଗ ଫୁରେ ଦକ୍ଷ। ସେହି ଗାଁଟି ହେଉଛି ଚାଇନାର ଗୁଇଜହୌ ପ୍ରାନ୍ତର ଗ୍ୟାଙ୍ଗସି ଡାଙ୍ଗ। ଏଠାକାର ଜନସଂଖ୍ୟା ପ୍ରାୟ ୮୦୦୦। ସେ ଚାକିରିଆ ହୁଅନ୍ତୁ କି ଅପାଠୁଆ ଗରିବ ସମସ୍ତେ ଏଠି କୁଙ୍ଗ ଫୁରେ ପାରଙ୍ଗମ। କୁହାଯାଏ ୧୫୦ ବର୍ଷ ପୂର୍ବେ ଶାଓଲିନ ଭିକ୍ଷୁ ଡାଙ୍ଗ ଲାଓଶୁନ ଏଠାକୁ ଆସିବା ପରେ ଏହି ପରମ୍ପରା ଆରମ୍ଭ ହୋଇଥିଲା। ପ୍ରଥମେ ତ ଡାଙ୍ଗ ରାଜାଙ୍କ ସେନାଠାରୁ ନିଜକୁ ବଞ୍ଚାଇବା ଲାଗି ଶାଓଲିନ୍ ମନ୍ଦିରରେ ଲୁଚିଥିଲେ। ପରେ ସେଠାକାର ଅଧିବାସୀ ତାଙ୍କୁ ହଇରାଣ କରିଥିଲେ। ଥରେ ତାଙ୍କ ଉପରକୁ ପଥର ଫିଙ୍ଗିଲେ। ଏହାପରେ ଡାଙ୍ଗ ସେମାନଙ୍କ ସହ ବିନା ହତିଆରରେ ଲଢି ସମସ୍ତଙ୍କୁ ହରାଇଥିଲେ। ତା'ସହ ସ୍ଥାନୀୟ ସବୁଠୁ ଭଲ କୁଙ୍ଗ ଫୁ ଯୋଦ୍ଧାକୁ ବି ହରାଇଲେ। ଫଳରେ ଗ୍ରାମବାସୀ ତାଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହେଲେ। ଆଉ ସମସ୍ତେ କୁଙ୍ଗ ଫୁ ଶିଖିବାକୁ ନିଷ୍ପତ୍ତି ନେଲେ। ସେହି ପରମ୍ପରା ଆଜି ବି ବଳବତ୍ତର ଅଛି। ଆଉ ସମସ୍ତେ ବେଶ୍ ଆଗ୍ରହର ସହ ଏଠି କୁଙ୍ଗ ଫୁ ଶିଖନ୍ତି। ଘର, ବାହାର ଯେକୌଣସି ସ୍ଥାନରେ ଲୋକେ ଅଭ୍ୟାସ କରୁଥିବା ଏଠାରେ ଦେଖିବାକୁ ମିଳନ୍ତି।

# କିସ ନ ଦେଖିଲା ଏ ନୟନ ଆଜ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ମୋର ଗୋଟେ ଭ୍ରମ ଧାରଣା ଥିଲା ଯେ କବିତା ପାଠୋତ୍ସବ ସଞ୍ଚାଳନ କରିବା ସବୁଠୁ କଷ୍ଟକର କାମ । ଏବେ ଜାଣୁଛି ସଞ୍ଚାଳନ ଅପେକ୍ଷା ପାଠୋତ୍ସବ ପାଇଁ କବି ତାଲିକା ପ୍ରସ୍ତୁତ କରିବା ତତୋଧିକ କଷ୍ଟିଆ କାମ । ଏଥିରେ ପ୍ରଶଂସା କମ ବଦନାମ ଜ୍ୟାଦା । ଯଦି ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥାଏ ତେବେ ତ କଥା ସରିଲା । ଏମିତି କୌଣସି ସରକାରୀ କାର୍ଯ୍ୟକ୍ରମ ନାହିଁ ଯାହା ବିନା ତର୍କ ବିତର୍କରେ ଆୟୋଜନ ହେଇଥିବ । କବି ବହୁଳ ରାଜ୍ୟରେ କବିତା ପାଠୋତ୍ସବର ଆୟୋଜନ କେତେ କଷ୍ଟ ତାହା ଆୟୋଜନ ଦାୟିତ୍ୱରେ ଥିବା ଲୋକ ଜାଣେ । କେବଳ ଗୋଧି ଚମଡା ଥିବା ଲୋକ ହିଁ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଦାୟିତ୍ୱ ନେଇପାରିବ ।

ଗତ 'ବିଶ୍ୱର ପ୍ରଥମ' ଓଡ଼ିଆ ସମ୍ମିଳନୀରେ କବିତା ପାଠୋତ୍ସବର ଆୟୋଜନ କରି ସରକାର ଯେଉଁ କିଛି ଅଧିକ ଲୋକପ୍ରିୟତା ହାସଲ କରିବା ଯୋଜନା ରଖିଥିଲେ ତାହା ବୁମେରାଂ ସଦୃଶ୍ୟ ହୋଇଛି । ଯେଉଁମାନଙ୍କୁ ନିମନ୍ତ୍ରଣ ମିଳିଲା ସେମାନେ ଲୁଚିକି ଗଲେ ଆଉ ଯେଉଁମାନେ ନିମନ୍ତ୍ରଣ ପାଇଲେ ନାହିଁ ସେମାନେ ଆୟୋଜକ ତଥା ସରକାରଙ୍କ ଚଉଦ ପୁରୁଷ ଉଦ୍ଧାରିଲେ। କବି ସମ୍ମିଳନୀରେ ଯେତିକି ଲୋକ ନିମନ୍ତ୍ରଣ ପାଇଲେ ସେମାନେ ସରକାରଙ୍କୁ ଭୋଟ ଦେବେ କି ନଦେବେ ତାହା ସମୟ କହିବ କିନ୍ତୁ ଯେଉଁ ବିଶାଳ କବି ସମାଜ ଏ ସରକାରୀ କବିତା ପାଠୋତ୍ସବରେ କବିତା ପଢିବାରୁ ବଞ୍ଚିତ ହେଲେ ସେମାନେ ବିଭିନ୍ନ ସାମାଜିକ ଗଣମଧ୍ୟମରେ ସିଧା ସଳଖ ଏ ସରକାରଙ୍କୁ ଆଉ ଭୋଟ ନ ଦେବା ପାଇଁ ଖୋଲା ଖୋଲି ପ୍ରତିଜ୍ଞା ନେଲେଣି। ମୋଟ ଉପରେ ଦେଖିବାକୁ ଗଲେ କବିତା ପାଠୋତ୍ସବ ଆୟୋଜନ ଦ୍ୱାରା ସରକାରଙ୍କ ଲଫା କମ ଗଫା ଅଧିକ ବୋଲି ଅନୁଭବ ହେଉଛି ।

କିଛି ଯୁକ୍ତି କରୁଛନ୍ତି, ବିଶ୍ୱ ଓଡ଼ିଆ ସମ୍ମିଳନୀ କାଳେ ଆମ ସ୍ୱାଭିମାନ ଓ ଅସ୍ମିତାର ପ୍ରଦର୍ଶନ। କିନ୍ତୁ ବାସ୍ତବତା ହେଲା ଭିନ୍ନ । ଆମ ଲୋକଉତ୍ସବ ପାଇଁ ତୋରଣ ଓ ଆଲୋକ ସଜ୍ଜା କରିବେ ବଙ୍ଗାଳି, ଶୋଭାଯାତ୍ରା ପାଇଁ ବ୍ୟାଣ୍ଡ ପାର୍ଟି ଆସିବ ଆନ୍ଧ୍ରପ୍ରଦେଶରୁ, ଉତ୍ସବ ପାଇଁ ନୂଆ ଲୁଗା ବିକ୍ରି ହେବ ଅଣଓଡ଼ିଆ ମାଲିକଙ୍କ ବଡ଼ ବଡ଼ ମଲ୍‌ର । ସାମନ୍ୟ ସଭା ପାଇଁ ମଞ୍ଚ ତିଆରି କରିବେ ବାହାର ରାଜ୍ୟର କଣ୍ଟ୍ରାକ୍ଟର । ପଡୋଶୀ ରାଜ୍ୟରୁ ପରିବା ନ ଆସିଲେ ଘରେ ରୋଷେଇ ବନ୍ଦ । ଅଣ ଓଡିଆ ମିସ୍ତ୍ରୀ ନ ମିଳିଲେ ରାଜ୍ୟରେ 'ପ୍ରଗତି' ଅସମ୍ଭବ । ତଥପି ଏ ଜାତି କାଳେ ସ୍ୱାଭିମାନୀ । 'ବିଶ୍ୱର ପ୍ରଥମ' ଭାଷା ସମ୍ମିଳନୀ ପାଇଁ ହୋଇଥିବା ଶହେ କୋଟି ଖର୍ଚ୍ଚରେ ଓଡ଼ିଆ ବ୍ୟବସାୟୀଙ୍କ ଭାଗ କେତେ ତାହା ଅବଶ୍ୟ ତଦନ୍ତ ସାପେକ୍ଷ । ଏହି ବର୍ଣ୍ଣାଢ୍ୟ ଉତ୍ସବ ପାଇଁ ଖର୍ଚ୍ଚ ହୋଇଥିବା ସିଂହ ଭାଗ ଗଲା ଅଣଓଡ଼ିଆ ଇଭେଣ୍ଟ ମ୍ୟାନେଜରଙ୍କ ପାଖକୁ ଆଉ ସ୍ୱାଭିମାନି ଓଡ଼ିଆଙ୍କ ଭାଗକୁ ମିଳିଲା 'କଣ୍ଢକବି' । ତେଣେ ଶୀତତାପ ନିୟନ୍ତ୍ରିତ ଟେଣ୍ଟ ଭିତରେ କିନ୍ତୁ ଭାଷାପ୍ରାଣମାନଙ୍କ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ଉପରେ ଆବେଗମୟ ଭାଷଣ ପରେ ଭାଷଣ ଚାଲିଥିଲା ।

ଏବେ 'ବିଶ୍ୱର ବୃହତ୍ତମ' ଲିଟ ଫେଷ୍ଟ ପାଇଁ ଏକକାଳୀନ ୬୧ ଜଣ ଓଡ଼ିଆ ସାହିତ୍ୟିକ ଯୋଗ ଦେବା 'ଓଡିଶା ଇତିହାସ'ରେ ପ୍ରଥମ ବୋଲି ଓଡ଼ିଶାର ପ୍ରତିନିଧି କହିଛନ୍ତି । (ଅବଶ୍ୟ ଏବେ ଦେଶରେ କେନ୍ଦ୍ର ସରକାରଙ୍କ ସବୁ କାର୍ଯ୍ୟକ୍ରମ 'ଐତିହାସିକ' ଓ ରାଜ୍ୟ ସରକାରଙ୍କ ସବୁ ଆୟୋଜନ 'ବିଶ୍ୱରେ ପ୍ରଥମ' ) । ସାହିତ୍ୟ ଯୋଡ଼େ, ସାହିତ୍ୟ ଉଦାରତା, ସହିଷ୍ଣୁତା ଓ ନମ୍ରତା ଶିଖାଏ ଭଳି ଚିନ୍ତକମାନଙ୍କ ଭାଷଣ ନିଇତି ସଭାମାନଙ୍କରେ ଶୁଣି ଶୁଣି ସାହିତ୍ୟିକମାନେ ଏତେମାତ୍ରାରେ ଉଦବୁଦ୍ଧ ହୋଇଛନ୍ତି ଯେ ଲିଟଫେଷ୍ଟ ପାଇଁ ନିମନ୍ତ୍ରିତ ସାହିତ୍ୟିକଙ୍କ ସୂଚୀ ବାହାରୁ ବାହାରୁ କାଦୁଅ ଫିଙ୍ଗା ଆରମ୍ଭ ହେଇଗଲା। ଜ୍ଞାନୀ ଲୋକମାନେ ସାହିତ୍ୟକୁ ମହିମାମଣ୍ଡିତ କରି ଭାଷଣରେ ଯାହା ସବୁ କହୁଛନ୍ତି ତାହାର ପ୍ରାକ୍ଟିକାଲ ବିଟ ବଜାରରେ ପ୍ରଦର୍ଶିତ ହେଲା । ଗତକାଲି ସାହିତ୍ୟ ଖଟି ପାଖ ଚାହା ଦୋକାନରେ ଦୁଇଜଣ ଢୁଙ୍ଗ ସାହିତ୍ୟିକ କଥା ହେଉଥିଲେ । ଜଣେ କହିଲେ– 'ଇଂରେଜମାନଙ୍କ ଡିଭାଇଡ୍ ଆଣ୍ଡ ରୁଲ ଏ ଦେଶକୁ ଖଣ୍ଡ ଖଣ୍ଡ କରିଦେଲା । ସେମାନେ ଭାଇ ଭାଇ ଭିତରେ ଲଢେଇ କରି ଦେଶକୁ ଶହେ ବର୍ଷ ଶାସନ କଲେ । ଏବେ ରାଜ୍ୟ ହେଉ କି କେନ୍ଦ୍ର ସରକାର ହୁଅନ୍ତୁ କବିତା ପାଠୋତ୍ସବ ଆଉ ଲିଟଫେଷ୍ଟ ଆୟୋଜନ କରି ଆମ ସାହିତ୍ୟିକଙ୍କ ଭିତରେ ଲଢେଇ ଲଗେଇଦେଲେଣି । ସାହିତ୍ୟିକମାନଙ୍କୁ ଏମିତି ଭାଗ ଭାଗ କରିବା ପଛରେ ସରକାରଙ୍କ କଣ ଉଦ୍ଦେଶ୍ୟ ଅଛି ତାହା




ବୁଝା ପଡୁନି । କିହୋ ଓଡ଼ିଆ ପୁଅ ସେଇ ବିଭାଗ ମନ୍ତ୍ରୀ । ୬୧ ଜଣଙ୍କୁ ଡାକିଲ, କାହିଁ ୬୧୦ ଜଣଙ୍କୁ ଡାକିଥିଲେ କଣ ଅସୁବିଧା ଥିଲା । ରେଳ ମନ୍ତ୍ରୀ ବି ଓଡିଶାରୁ ଯାଇଛନ୍ତି । ଗୋଟେ ପୁରା ରେଳ ଗାଡି ବୁକ କରିଦେଇଥିଲେ କଥା ସରିଥାନ୍ତା। ଯାହାର ଇଚ୍ଛା ଆସ ରେଳରେ ବସ । ସବୁ ଖର୍ଚ୍ଚ ତ ସରକାରୀ ଧନରେ ହେଉଛି କେଉଁ ନିଜ ପକେଟରୁ ଖର୍ଚ୍ଚ ହେଉଛି ଯେ, ଏତେ କୁନ୍ଥୁ କୁନ୍ଥୁ । ଓଡ଼ିଆ ସାହିତ୍ୟରେ କଣ ଚବିଶ କ୍ୟାରେଟ ଖାଣ୍ଟି ଗିନୀ ସୁନା ଲେଖକମାନଙ୍କ ଅଭାବ ଅଛି କି? ଏଠି ତ ଘରେ ଘରେ ସାହିତ୍ୟିକ, ସମସ୍ତେ ପ୍ରତିଷ୍ଠିତ ଓ ସମସ୍ତେ ଓଳିଆରୁ ପଡି ଗଜା । ପ୍ରଥମ ଥର ପାଇଁ ଏକଷଠି ଜଣଙ୍କୁ ଡାକି ଓଡ଼ିଆ ମନ୍ତ୍ରୀ ପୁଅ ଯେଉଁ ଇତିହାସ ସୃଷ୍ଟି କରିଥିଲେ ତାହା ଓଲଟ ପଡିଲା ଜାଣ । ଅଯଥାରେ ଛଅ ଶହ ଖଣ୍ଡେ ଭୋଟ ହରେଇବା ଥୟ।' ତାଙ୍କ କଥାଶୁଣି ପାଖରେ ଥିବା ଆଉ ଜଣେ ପ୍ରତିଷ୍ଠିତ ପ୍ରତିବାଦୀ କବି କହିଲେ ଏକାଡେମୀ ପୁରସ୍କାର ନେଇ ଲୋକ ଯେତିକି ନାଁ କରିନାହାନ୍ତି ପୁରସ୍କାର ନନେଇ କିଛି ଲୋକ ବେଶି ନାଁ କମେଇଛନ୍ତି। ବ୍ରହ୍ମାଣ୍ଡର ବୃହତ୍ତମ ଲିଟଫେଷ୍ଟକୁ ଯାଇଥିବା ଲୋକ ଯେତିକି ଚର୍ଚ୍ଚାରେ ନାହାଁନ୍ତି ସେତିକି ଯିବା ପାଇଁ ମନା କରି ଲୋକ ତା ଠାରୁ ବେଶି ଚର୍ଚ୍ଚାରେ । ଲାଗୁଛି, ଜି ଫାଇଭ ଶିଖର ସମ୍ମିଳନୀକୁ ରାଷ୍ଟ୍ର ମୁଖ୍ୟ ନ ଯିବା ଦ୍ୱାରା ଦେଶର ବିଦେଶ ନୀତି ଟଳମଳ ହେଲାପରି ଲିଟ ଫେଷ୍ଟକୁ କିଏ ନଗଲେ ଯେମିତି ସାହିତ୍ୟର ପ୍ରଭୁଧ କ୍ଷତି ଘଟିବ ।' ପାଖରେ ଆଉ ଜଣେ ଯୋଗାଡ଼ିଆ ସହିତ୍ୟିଜୀବୀ ଚାହା ପିଉଥିଲେ ଯାଙ୍କ କଥାଭିତରକୁ ଧସେଇ ପଶି କହିଲେ ନାହିଁମ କାଳେ ବିଦାୟ ଦେବାକୁ ଲୋକ ଫୁଲ ତୋଡା ଧରି ଷ୍ଟେସନରେ ପହଞ୍ଚି ନିରାଶ ହେବେ ସେଥିପାଇଁ ସମସ୍ତଙ୍କ ଗୋଚରାର୍ଥେ ସାମାଜିକ ଗଣମାଧ୍ୟମରେ ଆଗୁଆ ମନା କରିଦେଲେ। କୌଣସି ଲିଟ ଫେଷ୍ଟ ହେଉ କିମ୍ବା କିଏ ନିମନ୍ତ୍ରଣ ପାଇଲା ନ ପାଇଲା ହେଉ ଏହା ଓଡ଼ିଆ ସାହିତ୍ୟ ପାଇଁ ଏପରି କିଛି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣା ନୁହେଁ ଯାହା ଉପରେ ସାମାଜିକ ଗଣମଧମରେ ଚର୍ଚ୍ଚାର ଆବଶ୍ୟକତା ଅଛି ।'

ଏବେ ଆଉ କିଛି ନୂଆ ପ୍ରଜାତିର ଏଞ୍ଚଡ଼ପାକା ଯୁବ ସାହିତ୍ୟିକ ବାହାରିଲେଣି ଯେଉଁମାନେ କୌଣସି ସାହିତ୍ୟ ଉତ୍ସବ ପାଇଁ ନିମନ୍ତ୍ରିତ ଲେଖକଙ୍କ ତାଲିକା ଦେଖେଇ ସାମାଜିକ ଗଣମଧମରେ ସିଧା ପ୍ରଶ୍ନ ପଚାରୁଛନ୍ତି ଏମାନଙ୍କୁ କିଏ ଚିହ୍ନିଛନ୍ତି କି? କି ଅଜବ କଥା, ତୁମେ ତାଙ୍କୁ ପଢ଼ିନ କି ଜାଣିନ ମାନେ ନୁହେଁ ସେମାନେ ଲେଖକ ନୁହଁନ୍ତି । ବରଂ 'ମୋତେ କିଏ ଚିହ୍ନିଛ କି?' ପଚାରିଲେ ହୁଏତ ଭଲ ହୁଅନ୍ତା । ପୂର୍ବ କାଳରେ ଯେମିତି ରାଜାମାନେ ଛଦ୍ମ ବେଶରେ ସାଧାରଣ ଜନତାଙ୍କ ଭିତରେ ବୁଲି ନିଜର ଶାସନ ବିଷୟରେ ଲୋକମତ ଜାଣୁଥିଲେ ସେମିତି ଏହି ତଥାକଥିତ ସ୍ୱୟଂଭୁ ପ୍ରତିଷ୍ଠିତ ସାହିତ୍ୟିକମାନେ ଯଦି କେବେ ନିଜର ସୁରକ୍ଷିତ ପରିଧି ବାହାରେ ଥିବା ସାଧାରଣ ପାଠକଙ୍କ ପାଖକୁ ଯାଆନ୍ତି ତେବେ ନିଜ ଲେଖକୀୟ ପ୍ରତିଷ୍ଠା ପ୍ରତି ମୋହ ଭଙ୍ଗ ହେବା ଥୟ । ଏ ସବୁ ଘଟଣା ଦେଖିଲେ ଲାଗୁଛି କୌଣସି ଲିଟ ଫେଷ୍ଟ ପାଇଁ ନିମନ୍ତ୍ରିତ ହେବା ବୋଧେ ଜୀବନର ଶ୍ରେଷ୍ଠ ଉପଲବ୍ଧି । ଯେତେବେଳେ ଗୁରୁଜନମାନଙ୍କର ନିଜ ଭିତରେ କାଦୁଆ ହୋଲି ଖେଳ ଏ ଯାଏଁ ସରିନି ସେ କ୍ଷେତ୍ରରେ ନବପ୍ରଜାମାନଙ୍କୁ ଦୋଷ ଦେଇ କିଛି ଲାଭ ନାହିଁ । ସେମାନେ ଯେତିକି ଦେଖୁଛନ୍ତି ସେତିକି ଶିଖୁଛନ୍ତି।

ଏସବୁ ଖର୍ଚ୍ଚ ବହୁଳ ସାହିତ୍ୟିକ ଉତ୍ସ ଦ୍ୱାରା ସାହିତ୍ୟର କେତେ ଉନ୍ନତି ହେଉଛି ନ ହେଉଛି ତାହା ଭିନ୍ନ କଥା କିନ୍ତୁ ଗୋଟେ ସୃଜନଶୀଳ ମାହୋଲ ତିଆରି ହେଉଛି, ସାହିତ୍ୟିକଙ୍କ ଭିତରେ ହଲ ଚଲ ହେଉଛି । ସାହିତ୍ୟିକମାନଙ୍କ ବିନୋଦନ ସହ ଭାବର ଆଦାନପ୍ରଦାନ ହେଉଛି ତାହା ବଡ଼ କଥା । କିନ୍ତୁ ଏହି ବିନୋଦନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚର ଆଶ୍ୟକତା କେତେ ଜରୁରୀ ତାହା ପ୍ରତ୍ୟକ ସଚେତନ ନାଗରିକର ପ୍ରଶ୍ନ କରିବାର ଅଧିକାର ଅଛି। ଗୋଟେ ସମ୍ପୂର୍ଣ୍ଣ ଗାଁ କୁ ଜଳେଇ ଦେଲେ ଶହେ ଟ୍ରକ କୋଇଲା ମିଳିବ । କୋଇଲାର ବି ମୂଲ୍ୟ ଅଛି । ଆପଣଙ୍କୁ କୋଇଲା ବିକ୍ରିର ଲାଭ ନା ଜଳୁଥିବା ଗାଁ କେଉଁଟା ଦେଖାଯାଉଛି ତାହା ଆପଣଙ୍କ ଦୃଷ୍ଟିକୋଣ ଉପରେ ନିର୍ଭର କରେ ।

ସେ ଯାହାହେଉ, ବିଶ୍ୱର ବୃହତ ଲିଟଫେଷ୍ଟରେ ଆମ ସାହିତ୍ୟ ଦେଶବିଦେଶରୁ ଆସିଥିବା ଅନ୍ୟ ସାହିତ୍ୟିକମାନଙ୍କ ଦୃଷ୍ଟି ଆକର୍ଷଣ କରୁ ଓ ଓଡ଼ିଆ ଲେଖକଙ୍କର ବୌଦ୍ଧିକ ପରିଚୟ ସହ ଓଡ଼ିଆ ଭାଷା ଓ ସାହିତ୍ୟର ଜାତୀୟ ଭାବମୂର୍ତ୍ତି ବଢୁ ଏତିକି ମଙ୍ଗଳ କାମନା କରୁଛି । ମଙ୍ଗଳ ହେଲେ ଭଲ ନହେଲେ ବି ଭଲ, କାରଣ ଯେଉଁ ସଂଖ୍ୟାରେ ଲିଟଫେଷ୍ଟ ଦ୍ୱାରା ସାହିତ୍ୟିକଙ୍କ ଭିତରେ ଭାବର ଆଦାନ ପ୍ରଦାନ ବୃଦ୍ଧି ପାଉଛି ସେହି ପରିମାଣରେ ସାହିତ୍ୟିକମାନଙ୍କ ଭିତରେ ଅସହିଷ୍ଣୁତା ଓ ପରଶ୍ରୀକାତରତା ଦିନକୁ ଦିନ ବଢ଼ିବାରେ ଲାଗିଛି ।


*–ବନମାଳୀ ଭବନ, ଖାନନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଉତ୍କଳର ବରପୁତ୍ର ଗୋପବନ୍ଧୁ ଦାସ

**ଡକ୍ଟର ପ୍ରଦୀପ କୁମାର ସ୍ୱାଇଁ , ଏଥେନା ବୁକ୍ସ, ଭୁବନେଶ୍ୱର–୨, ମୂଲ୍ୟ–୧୨୦ଟଙ୍କା**

ପୁସ୍ତକରେ ଦୀର୍ଘ ସଂକ୍ଷିପ୍ତ ସୂଚନା ଦିଆଯାଇଛି, ଯାହା ୧୮ ପୃଷ୍ଠା ରହିଛି। ଏଥିରେ ଯେଉଁ ସୂଚନା ପ୍ରଥମରେ ଲେଖକ ଦେଇଛନ୍ତି ତାହା ଅତ୍ୟନ୍ତ ତଥ୍ୟନିଷ୍ଠ ଓ ଉଚ୍ଚକୋଟୀର। ଇଂରେଜ ଶାସନ ବିରୋଧରେ ଘଟିଥିବା ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଯୁଗରେ ସେ ଥିଲେ ଅନ୍ୟତମ ଆଦ୍ୟ ପୁରୋଧା ଥିଲେ ଉତ୍କଳମଣି ଗୋପବନ୍ଧୁ। ତାଙ୍କ ରାଜନୈତିକ ଜୀବନ ଆରମ୍ଭ ହେଲା ୧୯୦୮ରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ। ତାର ନେତା ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ଉତ୍କଳମଣି ନିଜ ଜୀବନକୁ ଦେଶବାସୀଙ୍କ ସେବାରେ ଉତ୍ସର୍ଗ କରିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ। ଓଡ଼ିଆ ସାହିତ୍ୟ ଓ ସମ୍ବାଦପତ୍ର ଜଗତକୁ ତାଙ୍କ ଅବଦାନ ଅତୁଳନୀୟ। ଏହା ସବୁ ବର୍ଗର ପାଠକଙ୍କ ମଧ୍ୟରେ ଆଦୃତି ଲାଭ କରିବ ।




### ଆଳାପ: ଶିଶୁ ସାହିତ୍ୟିକଙ୍କ ସହିତ

**ସମ୍ପାଦନା–ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ**
**ପ୍ରକାଶକ– ସିନ୍ଧୁଜା, ବିଜେବି ନଗର, ଭୁବନେଶ୍ୱର–୧୪**

ପୁସ୍ତକରେ ୪୦ଜଣ ଶିଶୁ ସାହିତ୍ୟିକଙ୍କ ସହିତ ଆଳାପ ପ୍ରକାଶିତ ହୋଇଛି। ଏଥିରେ ଉପେନ୍ଦ୍ର ତ୍ରିପାଠୀଙ୍କଠାରୁ ଆରମ୍ଭ ହୋଇ ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ପାଖରେ ଡକ୍ଟର ସ୍ୱାଇଁ ଶେଷ କରିଛନ୍ତି । ଯେଉଁ ଶିଶୁ ସାହିତ୍ୟିକମାନେ ନିଜ କୃତୀ ଓ କୀର୍ତ୍ତି ମାଧ୍ୟମରେ ଶିଶୁ ସାହିତ୍ୟର ବିକାଶ ଧାରାକୁ ଆଗକୁ ନେବାକୁ ଉଦ୍ୟମ କରିଛନ୍ତି ବା କରୁଛନ୍ତି ସେମାନଙ୍କ ସହ ସାରସ୍ୱତ ଆଳାପ ଏଥିରେ ସଂଲଗ୍ନ ହୋଇଛି। ବହୁ ଅକୁହା କଥା ଏଥିରେ ସେମାନଙ୍କ ମୁହଁରୁ ସ୍ଥାନ ପାଇଛି। ସଂକଳକ ସେଗୁଡି କୁ ଏକାଠି କରି ପୁସ୍ତକ ଆକାରରେ ପାଠକଙ୍କୁ ଭେଟି ଦେଇଛନ୍ତି । ପ୍ରକାଶିତ ସାକ୍ଷାତ୍‌କାରଗୁଡିକ ଅତ୍ୟନ୍ତ ଉଚ୍ଚକୋଟୀର ଆଉ ସୁଖପାଠ୍ୟ, ଏହା ନିଶ୍ଚୟ ପାଠକାଦୃତି ଲାଭ କରିବ ।




### ବଡ଼ ମଣିଷଙ୍କ ବଡ଼ ପଣିଆ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ସୁଧା ପ୍ରକାଶନ, ବାଖରାବାଦ, କଟକ–୨, ମୂଲ୍ୟ– ୧୫୦ଟଙ୍କା**

ବଡ଼ ମଣିଷଙ୍କ ବଡ଼ ପଣିଆ ପୁସ୍ତକରେ ୫୨ଜଣ ପ୍ରଖ୍ୟାତ ବ୍ୟକ୍ତିଙ୍କ ବିଷୟରେ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ ସୁନ୍ଦର ଭାବେ ଆଲୋଚନା କରିଛନ୍ତି। ଦୁନିଆରେ ଅନେକ ମହତ୍ ବ୍ୟକ୍ତି ଅଛନ୍ତି। ସେମାନେ ନିଜ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅନ୍ୟମାନଙ୍କ ହିତ ନିମିତ୍ତ ସର୍ବଦା ତତ୍ପର । ମୃତ୍ୟୁ ପରେ ମଧ୍ୟ ସେମାନେ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇ ରହିଛନ୍ତି। ଏଥିଲାଗି ଏମାନେ ଆମ ସମସ୍ତଙ୍କର ଆଦର୍ଶ। ସେମାନଙ୍କ ଅଦର୍ଶରେ ଅନୁପ୍ରାଣିତ ହେଲେ ନିଶ୍ଚିତ ଜଣେ ଆଦର୍ଶ ଶୃଙ୍ଖଳିତ ଜୀବନ ଯାପନ କରିପାରିବ । ପୁସ୍ତକରେ ପୃଥିବୀ ବହୁ ବିଖ୍ୟାତ ବ୍ୟକ୍ତିଙ୍କର ମହତ୍ ତଥା ଅସାଧାରଣ ଗୁଣ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦିଆଯାଇଛି । ଏହା ପାଠକଙ୍କ ନିକଟରେ ଆଦୃତ ହେବ ବୋଲି ଆଶା ।



# ବୋନ୍‌ସାଇର ଦାମ ୯ କୋଟି

ଏ ହେଉଛି ଏକ ଛୋଟ ବୋନସାଇ ଗଛ। ନା ଇଏ ଫଳ ଦେଉଛି ନା ଦେବ ମୂଲ୍ୟବାନ କାଠ। ହେଲେ ଏହାର ଦାମ ଏତେ ଯେ, ବିଶ୍ୱାସ କରିହେବ ନାହିଁ। ଏହା ଏକ ଜାପାନୀ ବ୍ଲାକ୍ ପାଇନ୍ ଗଛର ବୋନସାଇ। ଜାପାନର ତାକାମାତ୍ସୁରେ



ହୋଇଥିବା ଅନ୍ତର୍ଜାତୀୟ ବୋନସାଇ କନଭେନସନ୍‌ରେ ଏହା ୯ କୋଟିରେ ନିଲାମ ହୋଇଛି। ମାତ୍ର ୩ ଫୁଟ ଉଚ୍ଚତାର ଏହି ବୋନସାଇର ଗଣ୍ଡିଟି ମୋଡି ହୋଇ ରହିଛି ଓ ସୁନ୍ଦର ଛୋଟ ଛୋଟ ପତ୍ର ଥିବା ଶାଖା ଅଛି। ଏହି ବୋନସାଇ ଗଛଟି ଦେଖିବାକୁ ଖୁବ ସୁନ୍ଦର। କହିବାକୁ ଗଲେ ବୋନ୍‌ସାଇ ହେଉଛି ଏକ ସୁନ୍ଦର କଳା। ଛୋଟ ପାତ୍ରରେ ଏକ ସମ୍ପୂର୍ଣ୍ଣ ବୟସ୍କ ଗଛକୁ ବଢାଇବାର ଏହି କଳାକୁ ଖୁବ୍ ଧୈର୍ଯ୍ୟର ସହ ଅନେକ ପରିଶ୍ରମ କରି ତିଆରି କରାଯାଇଥାଏ। ବର୍ଷ ବର୍ଷ ଲାଗେ ଯତ୍ନ ସହକାରେ ସୁନ୍ଦର ବୋନସାଇଟିଏ ତିଆରି କରିବାକୁ। ବୋନସାଇ ଗଛଟି ଯେତେ ପୁରୁଣା ଓ ବିରଳ ତାର ମୂଲ୍ୟ ସେତେ ଅଧିକ ହୁଏ। ଆଉ ସାମାନ୍ୟ ଅବହେଳାରେ ବୋନସା ଗଛ ନଷ୍ଟ ବି ହୋଇଯାଇପାରେ। ଉକ୍ତ ଦାମୀ ବୋନସାଇ ଗଛଟି ୪୦୦ ବର୍ଷ ପୁରୁଣା ଅଟେ। ତେଣୁ ଏହାର ଦାମ ଏତେ ଅଧିକ।

# ଟି-ରେକ୍ସ ରେସ୍







୬.୫ ବିଲିୟନ ବର୍ଷ ତଳେ ପୃଥିବୀରେ ଡାଇନୋସର୍‌ଙ୍କର ଥିଲା ରାଜୁତି। ଏହି ବିରାଟକାୟ ପ୍ରାଣୀ ଥିଲେ ଖୁବ୍ ଭୟଙ୍କର। ଡାଇନୋସର୍ ବିଭିନ୍ନ ପ୍ରକାରର ଥିଲେ। ତନ୍ମଧ୍ୟରେ ଟାଇରାନୋସରସ୍ ରେକ୍ସ ବା ଟି-ରେକ୍ସ ହେଉଛି ଅନ୍ୟତମ। ଏହା ମାଂସାସୀ ଓ ଭୟଙ୍କର ଥିଲା। ମିଳିଥିବା ଜୀବାଶ୍ମ ହେଉଛି ଏହାର ପ୍ରମାଣ। ଏମାନଙ୍କ କଥା ଭାବିଲେ ହିଁ ମନରେ ଭୟ ସୃଷ୍ଟି ହୁଏ। ଭାବିଲେ ଯଦି ଏବେ ଏହି ଡାଇନୋସର୍ ଥାଆନ୍ତେ ପରିସ୍ଥିତି କିଭଳି ହୋଇଥାଆନ୍ତା। ତେବେ ଜାଣନ୍ତିକି ଆମେରିକା, ଅଉବର୍ନରେ ପ୍ରତିବର୍ଷ ଦେଖିବାକୁ ମଳନ୍ତି ଶହ ଶହ ଟି-ରେକ୍ସ। ଆଉ ସେମାନଙ୍କ ମଧ୍ୟରେ ଦୌଡ ପ୍ରତିଯୋଗିତା ହୁଏ। ଭାବି ଆଶ୍ଚର୍ଯ୍ୟ ହେଉଥିବେ ଡାଇନୋସର୍‌ଙ୍କର ପୁଣି ରେସ୍! ପ୍ରକୃତ କଥା ହେଲା ଟି-ରେକ୍ସ ବେଶରେ ଏଠି ଦୌଡ ପ୍ରତିଯୋଗିତା ହୁଏ। ଯେଉଁଥିରେ ଛୋଟରୁ ବଡ଼ ଶହ ଶହ ଲୋକ ଅଂଶ ଗ୍ରହଣ କରନ୍ତି। ପ୍ରତିଯୋଗୀଙ୍କୁ ଏଠି ମାଗଣାରେ ଟିରେକ୍ସ କଷ୍ଟ୍ୟୁମ ଦିଆଯାଏ। ଶହ ଶହ ସଂଖ୍ୟାର ଟି-ରେକ୍ସ ଦୌଡୁଥିବାର ଦୃଶ୍ୟ ବେଶ୍ ମଜାଦାର ଲାଗେ। ଏହି ନିଆରା ରେସ୍ ଦେଖିବାକୁ ଦର୍ଶକଙ୍କ ଭିଡ ଜମେ।



# ଏନର୍ଜି ଅଟୋନମସ୍ କାର

ଦିନକୁ ଦିନ ବଢୁଥିବା ପେଟ୍ରୋଲ ଦାମ ଯୋଗୁ ଅନେକ ସମୟରେ କାର୍ ବ୍ୟବହାର କରିବାକୁ ଇଚ୍ଛା ହୁଏନା। ମନରେ ଆସେ ଏମିତି ଗାଡି ତିଆରି ହୁଅନ୍ତା ଯାହାକି ପବନରେ, ସୌର ଶକ୍ତିରେ ଚାଲନ୍ତା। ଯଦିଓ ଏବେ ଇଲେକ୍ଟ୍ରିକ୍ ବାହନ ସହ କିଛି ଗାଡି ସୌରଶକ୍ତି ଚାଳିତ ବି ଆସିଲାଣି। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏବେ ଏମିତି ଏକ କାର ତିଆରି କରାଯାଇଛି, ଯାହା ବ୍ୟାଟେରୀଚାଳିତ ହେବା ସହ ଏହାର ରୁଫ୍‌ରେ ସୋଲାର ପ୍ୟାନେଲ ଓ ୱିଣ୍ଡ ଟର୍ବାଇନ୍ ବି ରହିଛି। ଅର୍ଥାତ୍ ଏହି ଗାଡିରେ ବିଦ୍ୟୁତ ଶକ୍ତି ଉତ୍ପାଦନର ତିନି ପ୍ରକାର ମାଧ୍ୟମ ରହିଛି। ଯଦ୍ୱାରା ବ୍ୟାଟେରୀର ଚାର୍ଜ ସରିଗଲେ ତାହା ସୌର ପ୍ୟାନେଲ ଓ ୱିଣ୍ଡ ଟର୍ବାଇନ୍ ସାହାଯ୍ୟରେ ବିଦ୍ୟୁତ ତିଆରି ହୋଇ ଚାର୍ଜ ହୋଇଯିବ। ଫଳରେ ବିନା ଚିନ୍ତାରେ ଯେତେ ଦୂର ଚାହିଁଲେ ବି ଯାତ୍ରା କରିହେବ। ସେଥିପାଇଁ ଏହି ଗାଡିକୁ ପୃଥିବୀର ପ୍ରଥମ ଏନର୍ଜି ଅଟୋନମସ୍ କାର୍ ବୋଲି କୁହାଯାଉଛି। ସୌର ପ୍ୟାନେଲ ଦ୍ୱାରା ଦିନକୁ ୭ କି.ମି. ଯାଇହେବାବେଳେ ପବନ ହେଉଥିବା ସ୍ଥାନରେ ୱିଣ୍ଡ ଟର୍ବାଇନ୍ ଦ୍ୱାରା ୧୫ କି.ମି. ଯିବାପରି ଚାର୍ଜ ହୋଇପାରେ। କାରଟି ଘଣ୍ଟା ପ୍ରତି ୫୦ କି.ମି. ବେଗରେ ଗତି କରିପାରେ। ଏହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ରଖାଯାଇଛି।